# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ:୨, ସଂଖ୍ୟା: ୫୨, ଭୁବନେଶ୍ୱର, ନଭେମ୍ବର ୧୦- ନଭେମ୍ବର ୧୬, ୨୦୨୫, Vol: 2, Issue: 52, Bhubaneswar, November 10- November 16, 2025 Pages- 8



ପୃଷ୍ଠା ୨ ନୂଆପଡ଼ାରେ କିଙ୍ଗମେକର୍ ସାଜିବ 'ସିମ୍ପାଥି ଭୋଟ୍'

ପୃଷ୍ଠା ୪ ସମ୍ପାଦକୀୟ : କାଞ୍ଜିଅଁଳା ଓ ଶୁଖୁଆ ବୋହୂ





# ରଣପୁର ହେବ କି ହକିର ନୂଆ ଗଡ଼ !

**(ରଣପୁରରୁ ବିଷ୍ଣୁ ପ୍ରସାଦ ମିଶ୍ର)**

ଭାରତୀୟ ହକିକୁ ଇତିମଧ୍ୟରେ ଶହେ ବର୍ଷ ପୂରିଯାଇଛି । ଭାରତରେ ହକି ଖେଳର ଐତିହାସିକ ଶତବର୍ଷିକୀ ପାଳନ ଅବସରରେ ଗତ ଶୁକ୍ରବାର ଦିନ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଏକାଠି ହୋଇଥିଲେ ହକି ଇଣ୍ଡିଆ, ଭାରତୀୟ କ୍ରୀଡା ପ୍ରାଧିକରଣ (ସାଇ) ଓ କ୍ରୀଡା ମନ୍ତ୍ରଣାଳୟର ଅଧିକାରୀମାନେ । ଏହି ଅବସରରେ 'କ୍ରୀଡାମନ୍ତ୍ରୀ ଏକାଦଶ' ଓ 'ହକି ଇଣ୍ଡିଆ ଏକାଦଶ' ମଧ୍ୟରେ ଏକ ବନ୍ଧୁତାପୂର୍ଣ୍ଣ ତିରିଶି ମିନିଟ ଅବଧିର ମ୍ୟାଚ୍ ଆୟୋଜିତ ହୋଇଥିଲା । କ୍ରୀଡାମନ୍ତ୍ରୀ ମନସୁଖ୍ ମାଣ୍ଡଭ୍ୟଙ୍କ ନେତୃତ୍ୱାଧୀନ ଦଳ ଦିଲ୍ଲୀପ ତିର୍କୀଙ୍କ ନେତୃତ୍ୱାଧୀନ ହକି ଇଣ୍ଡିଆ ଏକାଦଶକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ୧୯୨୫ ରୁ ୨୦୨୫ ହକି ଖେଳର ଏହି ସୁଦୀର୍ଘ ଯାତ୍ରାପଥର ଅନେକ ଅବିସ୍ମରଣୀୟ ସ୍ମୃତି ରହିଛି । ଜାତୀୟ କ୍ରୀଡ଼ାର ମାନ୍ୟତା ପାଇଥିବା ହକି ଖେଳରେ ଓଡ଼ିଶାର ଅବଦାନ ବହୁତ ଅଧିକ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଦୁଇଥର ସଫଳ ବିଶ୍ୱକପ୍ ଆୟୋଜନ କରିବା ସହ ଟିମ୍ ଇଣ୍ଡିଆର ପ୍ରାୟୋଜକ ହେବା ହକିର ଉନ୍ନତିରେ ଓଡ଼ିଶାର ସଂପୃକ୍ତିକୁ ବୁଝାଏ । ଓଡ଼ିଶାର ସୁନ୍ଦରଗଡ଼କୁ ଏକଦା ହକିର ଗଡ଼ କୁହାଯାଉଥିଲା, ଯାହାକି ଆଜିଯାଏ ତା'ର ମାନ୍ୟତା ବଜାୟ ରଖିଛି । ଅଳ୍ପ କିଛି ବର୍ଷ ହେଲାଣି ନୟାଗଡ଼ ଜିଲ୍ଲାର ରଣପୁର ମଧ୍ୟ ହକି ଖେଳରେ ଉଦୀୟମାନ ଖେଳାଳି ସୃଷ୍ଟି କରି ଆଉ ଏକ ହକିର ଗଡ଼ ବନିବାର ସମ୍ଭାବନା ସୃଷ୍ଟିକଲାଣି ।

୨୦୧୮ ମସିହା ଜାନୁଆରୀ ମାସରେ ନୟାଗଡ଼ ଜିଲ୍ଲାର ରଣପୁର ଠାରେ ଭାରତୀୟ ରେଳବାଇର ପ୍ରଶିକ୍ଷକ ରଞ୍ଜନ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଦେଶର ଜାତୀୟ ଖେଳ ହକି ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୧୯ ମସିହାର ଦଳ ପ୍ରଥମ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ନାଲ୍‌କୋ କପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ମାତ୍ର ୪ ବର୍ଷର ଅଭ୍ୟାସ ପରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ କରକମଳରେ ଓଡ଼ିଶା-ନାଭାଲ ଟାଟା : ହକି ଏକାଡେମୀ ତରଫରୁ ରଣପୁରଠାରେ ଉଦଘାଟନ ହୋଇଥିଲା ତୃଣମୂଳ ସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର । ଏହାପରେ ଢେଙ୍କାନାଳରେ ଦ୍ୱିତୀୟ ନାଭାଲ ଟାଟା ଗ୍ରାସ୍‌ରୁଟ୍ ଲିଗ୍ ମ୍ୟାଚ୍‌ରେ ଦଳ ଅଂଶଗ୍ରହଣ କରିଥିଲା । ତା'ପରେ ଦଳ ସୁନ୍ଦରଗଡ଼ଠାରେ ଚାଲିଥିବା ନେହେରୁ କପରେ ଭାଗ ନେଇଥିଲା । କିଟ୍ ଭୁବନେଶ୍ୱର ଷ୍ଟାଡିୟମରେ ରାଜ୍ୟ ହକି ସଂଘ ତରଫରୁ ଆରମ୍ଭ ହୋଇଥିବା ପ୍ରଥମ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା । ଏହାର ଉଭୟ ବାଳକ ଏବଂ ବାଳିକା ବିଭାଗରେ ଛଅ ଗୋଟି ପର୍ଯ୍ୟାୟରେ ଦଳ ନୟାଗଡ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିଥିଲା । ଚଉଦ ବର୍ଷରୁ କମ ବାଳକ ବିଭାଗ ମ୍ୟାଚ ଢେଙ୍କାନାଳ ଠାରେ ଅଂଶଗ୍ରହଣ କରି ୨୦୨୨ ମସିହାର ସମସ୍ତ ଅଭିଯାନ ସମାପ୍ତ କରିଥିଲା । ୨୦୨୩ ମସିହାରେ ତୃତୀୟ ଗ୍ରାସରୁଟ୍ ଲିଗ୍‌ରେ ଛତ୍ରପୁରଠାରେ ଅଂଶ ଗ୍ରହଣ କରିବା ସହ ସେହି ବର୍ଷ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ହକି ସଂଘର ଦ୍ୱିତୀୟ ସଂସ୍କରଣରେ ଛଅ ଗୋଟି ପର୍ଯ୍ୟାୟରେ ଅଂଶ ଗ୍ରହଣ କରି ସଫଳତାର ସହ ରଣପୁର ଦଳ ନିଜର ପ୍ରଦର୍ଶନ ଦେଖାଇଥିଲା । ଏଥିସହ ୧୪ ବର୍ଷରୁ କମ ବାଳକ ବିଭାଗ ମ୍ୟାଚ୍‌ରେ ଯାଜପୁର ଠାରେ ଅଂଶଗ୍ରହଣ କରି ବିଶ୍ୱକପ୍ ନିମନ୍ତେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ବାଳିକା ଦଳ ବିଜେତା ଘୋଷିତ ହୋଇଥିଲା । ସେହି ବର୍ଷ ଶେଷ ଭାଗରେ ରଣପୁର ଦଳ ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ ନୂଆ ଓଡିଶା ଖେଳରେ ବ୍ଲକ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା । ୨୦୨୪ ମସିହାର ଚତୁର୍ଥ ଗ୍ରାସରୁଟ୍ ଲିଗ୍ ପ୍ରତିଯୋଗିତା ଯାଜପୁର ଠାରେ ଉଭୟ ବାଳକ ଏବଂ ବାଳିକା ଦଳ ଯୋଗଦେବା ସହିତ ତୃତୀୟ ରାଜ୍ୟ ହକି ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୪ଟି ଦଳ ଯୋଗ ଦେବା ସହ ପ୍ରଥମ କୋଷ୍ଟାଲ୍ ଲିଗ୍ ମ୍ୟାଚରେ ପୁରୁଷ ଦଳ ଉପବିଜେତା ଏବଂ ମହିଳା ଦଳ ଦ୍ୱିତୀୟ ଉପ-ବିଜେତା ହେବା ସହ ରଣପୁର ଅଞ୍ଚଳ ପାଇଁ ସୁନାମ ଆଣିଥିଲେ । ୨୦୨୫ ମସିହରେ ପଞ୍ଚମ ଗ୍ରାସରୁଟ୍ ଲିଗ୍ ଛତ୍ରପୁର ଠାରେ ଆୟୋଜିତ ହେବା ଅବସରରେ ଏଥିରେ ଯୋଗଦେବା ସହ ଚତୁର୍ଥ ରାଜ୍ୟ ହକି ପ୍ରତିଯୋଗିତାରେ ୫ଟି ଦଳ ଉନ୍ନତ ମାନର ଖେଳ ପ୍ରଦର୍ଶନ ସହ ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ ସ୍ତରୀୟ ହକି ପ୍ରତିଯୋଗିତାରେ ଭାଗନେଇ ଉଚ୍ଚ ପ୍ରଶଂସିତ ହୋଇଥିଲା ।







ସୁନ୍ଦରଗଡ଼ ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଯୋଗଦେଇଥିବା ରାଜେଶ ବାରିକ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ, ଉତ୍କଳ ବିଶ୍ୱବିଦ୍ୟାଳୟ ଦଳରେ ସାମିଲ ହୋଇଥିଲେ । ସେହିପରି ମଙ୍ଗଳ ପ୍ରସାଦ ସାହୁ, ଓଡ଼ିଶା ନାଭାଲ ଟାଟା ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରରେ ପ୍ରଶିକ୍ଷଣ ନେବା ପାଇଁ ମନୋନୀତ ହୋଇଥିଲେ । ମ୍ୟାଚ୍ ରେଫରି ଭାବେ ସତ୍ୟବ୍ରତ ପ୍ରଧାନ ଭାରତୀୟ ହକି ସଂଘ ଦ୍ୱାରା ଜାତୀୟ ମ୍ୟାଚ ପରିଚାଳକ ଘୋଷିତ ହେବା ସହିତ ନୟାଗଡ ଜିଲ୍ଲାର ପ୍ରଥମ ଜାତୀୟ ଅମ୍ପାୟାର ହୋଇଥିଲେ । ଏହା ବାଦ୍ ୨୦୨୩ ମେ ମାସରେ ଗୌତମ ନାୟକ ଭାରତୀୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜାତୀୟ ମ୍ୟାଚ ପରିଚାଳକ ତଥା ନୟାଗଡ଼ ଜିଲ୍ଲାର ଦ୍ୱିତୀୟ ଜାତୀୟ ସ୍ତରୀୟ ଅମ୍ପେୟାର ହୋଇଥିଲେ । ସେହି ବର୍ଷ ଡିସେମ୍ବର ୫ ତାରିଖରେ କାର୍ତ୍ତିକ ସାହୁ -ରାଜ୍ୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ମ୍ୟାଚ ପରିଚାଳକ ଘୋଷିତ ହେଲେ । ବାସୁଦେବ ପାଟଶାଣୀ ରାଜ୍ୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ମ୍ୟାଚ ପରିଚାଳକ ଭାବେ ମାନ୍ୟତାପ୍ରାପ୍ତ ହେଲେ । ହାପି ମାଝୀ ରାଜ୍ୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ମ୍ୟାଚ ପରିଚାଳକ ହୋଇଥିଲେ ୨୦୨୪ ମସିହାରେ । ଗାୟତ୍ରୀ ବେହେରା ମଧ୍ୟ ରାଜ୍ୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ମ୍ୟାଚ ପରିଚାଳକ ଏହି ବର୍ଷ ହୋଇଛନ୍ତି । ତାଙ୍କ ପରକୁ ପବିତ୍ର କୁମାର ପ୍ରଧାନ, ରଂଜୁ ପାତ୍ର ରାଜ୍ୟ ହକି ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ମ୍ୟାଚ ପରିଚାଳକ ବନିଛନ୍ତି । ପ୍ରଶିକ୍ଷକ ଭାବରେ ବାସୁଦେବ ପାଟଶାଣୀ - କଳିଙ୍ଗ ଷ୍ଟାଡିୟମ, ଚିନ୍ମୟ ଚନ୍ଦନ ପ୍ରଧାନ-ରଣପୁର, ଝୁମର କୁମାର ସାହୁ-କଳାହାଣ୍ଡି, ଚନ୍ଦନ ପାଟଶାଣୀ-ରଣପୁର, ଗୌତମ ନାୟକ-ପୁରୀ, ନବକିଶୋର ପ୍ରଧାନ-ଅନୁଗୁଳ, କାର୍ତ୍ତିକ ସାହୁ-କଟକ ପ୍ରମୁଖ ନିଯୁକ୍ତି ପାଇଛନ୍ତି ।

ବିଶ୍ୱକପ ପ୍ରଦର୍ଶନୀ ମ୍ୟାଚରେ ମହିଳା ଦଳ ବିଜେତା ହେବା ପରେ ନୂଆ ଓଡ଼ିଶା ବ୍ଲକ ଏବଂ ଜିଲ୍ଲାରେ ବିଜେତା ଓ ଉପବିଜେତା (ଉଭୟ ପୁରୁଷ ଏବଂ ମହିଳା), ପ୍ରଥମ କୋଷ୍ଟାଲ୍ ଲିଗ୍ ମ୍ୟାଚରେ ପୁରୁଷ ଦଳ-ଉପ ବିଜେତା ଏବଂ ମହିଳା ଦଳ ଦ୍ୱିତୀୟ ଉପବିଜେତା ହୋଇଛନ୍ତି ।

ବର୍ତ୍ତମାନ ସମୟରେ ବାଘ ସାମନ୍ତ ଖେଳ ପଡିଆରେ ଖେଳିବା ପାଇଁ ସବୁ ଖେଳାଳି ଏକାଠି ହେବାରୁ ଗୋଟିଏ ପଡିଆ ଯୋଗୁ ଅଭ୍ୟାସ କରିବାରେ ବହୁତ ଅସୁବିଧା ହେଉଛି । ଜିଲ୍ଲା କ୍ରୀଡ଼ା ବିଭାଗ ତରଫରୁ ପ୍ରତିବର୍ଷ ହେଉଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯିବା ଆସିବା ଖର୍ଚ୍ଚ ଏବଂ ଜର୍ସି ଯୋଗାଇ ଦିଆଯାଉଛି । ଓଡିଶା ନାଭାଲ୍ ଟାଟା ହକି ଏକାଡେମୀ ତରଫରୁ ଏକ ତୃଣମୂଳ ସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ୨୦୨୨ ମସିହାରୁ ପ୍ରତିଷ୍ଠା କରାଯାଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସରକାରଙ୍କୁ ଏକ ଚିଠି କରାଯାଇ ନୂତନ ଖେଳ ପଡିଆ ପାଇଁ ଦାବି କରାଯାଇଥିଲେ ମଧ୍ୟ ତାହାର କୌଣସି ପ୍ରତ୍ୟୁତ୍ତର ମିଳିନାହିଁ ବୋଲି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି କହିଛନ୍ତି । ଅଧିକ ବିଳମ୍ବ ହେଲେ ନିୟମିତ ଅଭ୍ୟାସ ଅଭାବରୁ ରଣପୁର ଆଉ ଗୋଟିଏ ହକିର ଗଡ଼ ହେବାରେ ପ୍ରତିବନ୍ଧକ ହୋଇପାରେ ବୋଲି ରଣପୁର ଅଞ୍ଚଳର ଲୋକେ ଆଲୋଚନା କରୁଛନ୍ତି ।










# ଉତ୍ତରକୋରିଆ



**କାର୍ତ୍ତିକ ଚନ୍ଦ୍ର ପଣ୍ଡା**
**ମୋବାଇଲ୍- ୭୯୭୮୪୨୦୪୯୩**

ଚଳିତମାସ ୧ ତାରିଖ ରୁ ୧୪ ତାରିଖ ମଧ୍ୟରେ ଉତ୍ତରକୋରିଆ କ୍ରମାଗତ ଭାବେ ୬ଟି ଅତ୍ୟାଧୁନିକ ମିସାଇଲ ପରୀକ୍ଷା କରି ଆମେରିକା ଓ ବିଶ୍ୱ ସମୁଦାୟକୁ ସନ୍ତ୍ରସ୍ତ କରିଛି। ଦୁଇ ମେଟ୍ରିକ୍ ଟନ୍ ପେ-ଲୋଡ ଓଜନ ବିଶିଷ୍ଟ ୮୦୦ କିଲୋମିଟରର ସଠିକ ଲକ୍ଷ୍ୟ ଭେଦ କରୁଥିବା ହ୍ୟୁନାମୋ -୪ ସିରିଜର ମିସାଇଲର ବିକଳ୍ପ ବିଶ୍ୱର ଅନ୍ୟ କୌଣସି ମହାଶକ୍ତି ପାଖରେ ଉପଲବ୍ଧ ହୋଇନାହିଁ ।

ଏହାର ସଫଳ ପରୀକ୍ଷଣ ଆମେରିକାର ଚିନ୍ତା ବଢାଇଛି। ଆମେରିକା ନିଜ ଅପେକ୍ଷା ନିଜର ଆଶ୍ରିତ ରାଷ୍ଟ୍ର, ସାଉଥକୋରିଆ ଓ ଜାପାନର ସୁରକ୍ଷାପାଇଁ ବେଶି ଚିନ୍ତିତ । ଅନ୍ୟ ପକ୍ଷରେ ସମସ୍ତ ପ୍ରକାର ବ୍ୟବସାୟ କଟକଣା, ବନ୍ୟା ଦୁର୍ବିପାକ ଓ ଖାଦ୍ୟାଭାବ ଓ କରୋନା ମହାମାରୀ ସତ୍ତ୍ୱେ, ଆମେରିକୀୟ ଡଲାର ତୁଳନାରେ ଉତ୍ତରକୋରିଆ ମୁଦ୍ରା (ଓନ)ର ୨୫ ପ୍ରତିଶତ ଅଭିବୃଦ୍ଧି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଉତ୍ତର କୋରିଆର ଏକଛତ୍ର ଶାସକ କିମଜୋଙ୍ଗ ନିକଟରେ ଦେଶବାସୀଙ୍କୁ ଦେଇଥିବା ଏକ ବାର୍ତ୍ତାରେ କହିଛନ୍ତି- ' ସେ ଦେଶର ଆର୍ôଥିକ ଅଭିବୃଦ୍ଧି ପାଇଁ ଏଣିକି କଠିନ ପରିଶ୍ରମ କରିବେ ଓ ସାମରିକ କ୍ଷେତ୍ରରେ ବିଶ୍ୱ ମହାଶକ୍ତି ସହିତ ନିଜ ଦେଶକୁ ସମକକ୍ଷ କରାଇବେ' ।

ଉତ୍ତରକୋରିଆ ପୂର୍ବ ଏସିଆରେ ଅବସ୍ଥିତ। ଏହାକୁ ଡେମୋକ୍ରାଟିକ ରିପବ୍ଲିକ ଅଫ କୋରିଆ କୁହାଯାଏ । ପୋଙ୍ଗୟାଙ୍ଗ ସହର ଉତ୍ତର କୋରିଆର ରାଜଧାନୀ ଓ ସବୁଠାରୁ ବଡ ସହର । ଏହାର ଜନସଂଖ୍ୟା ୨ କୋଟି ୫୮ ଲକ୍ଷ ଓ ଏହାର ଆୟତନ ୧୨୦୫୪୦ ବର୍ଗ କିଲୋମିଟର । ଜନସଂଖ୍ୟା ଘନତ୍ୱ ଦୃଷ୍ଟିରୁ ଏହା ବିଶ୍ୱର ୬୩ ତମ ସ୍ଥାନରେ । ଏହାର ପ୍ରତି ବର୍ଗ କିଲୋମିଟର ରେ ୩୧୪ ଜଣ ବାସକରନ୍ତି। ଏହାର ଉତ୍ତର ଦିଗରେ ଚାଇନା, ଋଷିଆ ଓ ଦକ୍ଷିଣ ଦିଗକୁ ଦକ୍ଷିଣକୋରିଆ ଦେଶ ଅବସ୍ଥିତ। ଏହି ଦେଶରେ ୮୪୬୦ କିଲୋମିଟର ଲମ୍ବର ସମୁଦ୍ରତଟ ରହିଛି । ଏହାର ମୁଦ୍ରା ନର୍ଥ କୋରିଆନ୍ ଓନ । ଏକ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ୧୦ .୮୬ ଓନ୍ । ୧୯୯୧ ମସିହାରୁ କୋରିଆ ରାଷ୍ଟ୍ରଦ୍ୱୟ ମିଳିତ ଜାତିସଂଘର ସଭ୍ୟ ଅଛନ୍ତି ।

କିଙ୍ଗ ଜୋଙ୍ଗ ସର୍ବୋଚ୍ଚ ନେତା ତଥା ନିରଙ୍କୁଶ ଶାସକ । ସେ ମଧ୍ୟ ସର୍ବୋଚ୍ଚ ସାମରିକ ପଦବୀରେ ଅଧିଷ୍ଠିତ । ଏହି ରାଜାଜଣକ ଅତ୍ୟନ୍ତ କ୍ରୁର, ନିର୍ଦ୍ଦୟ ଓ କେତେକାଂଶରେ ଆଡ଼ବାଇଆ । ବିଶ୍ୱ ସମୁଦାୟ ବିଶେଷ କରି ମିଳିତ ଜାତିସଂଘକୁ ଭୁଆଁ ବୁଲାଇବାପାଇଁ ଏଠାରେ ନାମକୁ ମାତ୍ର ଗଣତନ୍ତ୍ର ଶାସନ ପ୍ରଚଳିତ । ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ହୁଏ । କିମ ଜୋଙ୍ଗଙ୍କ ବିରୁଦ୍ଧରେ କେହି ନାମାଙ୍କନ ପତ୍ର ଦାଖଲ କରନ୍ତି ନାହିଁ ।

ରାଜା କେବଳ ନିଜଲୋକଙ୍କୁ ହିଁ ପ୍ରତିଦ୍ୱନ୍ଦୀ ବାଛନ୍ତି । ପ୍ରତ୍ୟେକ ଭୋଟର ତାଙ୍କୁ ଭୋଟ ଦେବାକୁ ଏକପ୍ରକାର ଅଲିଖିତ ନିର୍ଦ୍ଦେଶ ଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଠିକ୍ ପରେପରେ, ଜାପାନ ଠାରୁ ସ୍ୱାଧୀନ ହୋଇ କୋରିଆ ଦୁଇଭାଗ ହୋଇଥିଲା । ମିତ୍ରଶକ୍ତି ତାର ଦୁଇ ପ୍ରମୁଖ ସହଯୋଗୀ ରାଷ୍ଟ୍ର, ଯୁକ୍ତରାଷ୍ଟ୍ର ଓ ଋଷିଆର ସହମତି ଭିତ୍ତିରେ ଏହାର ସୀମା ନିର୍ଦ୍ଧାରଣ କରିଥିଲେ । ଏବେ ବି ଯୁକ୍ତରାଷ୍ଟ୍ର ଆମେରିକା ଦକ୍ଷିଣ କୋରିଆ ଓ ଋଷିଆ ଉତ୍ତର କୋରିଆର ମିତ୍ରରାଷ୍ଟ୍ର ।

ଏହି ଦେଶର ଜିଡିପି ମାତ୍ର ୧୮୦୦ ଡଲାର । ଅପର୍ଯ୍ୟାପ୍ତ ଖଣିଜ ସମ୍ପଦ ଓ ଖାଦ୍ୟଶସ୍ୟ ଉତ୍ପାଦନ କରୁଥଲେ, ହିଁ ଏ ଦେଶର ଅଧିବାସୀମାନେ ଏକ ଦୁର୍ବିସହ ଜୀବନ ଯାପନ କରନ୍ତି । ତେବେ କେବଳ ଭୂ- ରାଜସ୍ୱକୁ ବାଦଦେଲେ ନାଗରିକମାନଙ୍କ ଉପରେ ଆଉ କୌଣସି ଟିକସ ନଥାଏ । ଏହାର ଭୂ - ରାଜସ୍ୱ ଓ ଅପର୍ଯ୍ୟାପ୍ତ ଖଣିଜ ସଂପଦର ସିଂହଭାଗ ସାମରିକ ଦକ୍ଷତା ବୃଦ୍ଧି, ଓ କ୍ଷେପଣାସ୍ତ୍ର ଓ ପରମାଣୁ ଅସ୍ତ୍ର ନିର୍ମାଣରେ ଖର୍ଚ୍ଚ ହୁଏ । ଏହାର ବାରଲକ୍ଷ ଦୁର୍ଦ୍ଧର୍ଷ ସୈନବାହିନୀ ବିଶ୍ୱରେ ପଞ୍ଚମ।

ଉଭୟ ପୁରୁଷ ଓ ମହିଳା ସୈନ୍ୟବାହିନୀରେ କାର୍ଯ୍ୟକରିବା ବାଧ୍ୟତାମୂଳକ। ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷମାନଙ୍କ ପାଇଁ ୧୦ ବର୍ଷ ଓ ମହିଳାମାନଙ୍କ ପାଇଁ ସର୍ବନିମ୍ନ ୫ ବର୍ଷ ସୈନ୍ୟବାହିନୀରେ କାର୍ଯ୍ୟ କରିବାକୁ ପଡିଥାଏ ।ଏହି ଦେଶଟି ଖଣିଜ ସମ୍ପଦରେ ଭରପୂର। କୋଇଲା, ମାଂଗାନିଜ, ଦସ୍ତା, ଗ୍ରାଫଇଟ୍, ଚୂନପଥର, କପର, ଓ ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ କରେ। ବିଦେଶରୁ ଏହା ପେଟ୍ରୋଲିୟମ, ମେସିନାରୀ, ଯନ୍ତ୍ରାଂଶ, ଖାଦ୍ୟଶସ୍ୟ ଓ ଟେକ୍ସଟାଇଲ୍ସ ଆଦି ଆମଦାନୀ କରେ ।

ଏହି ଦେଶର ନାଗରିକ, ନିଜକୁ ଅଭିଶପ୍ତ ମନେ କରନ୍ତି । ମାନବ ଅଧିକାର (Human right) ଏଠାରେ ମୂଲ୍ୟହୀନ । ରାଜାଙ୍କ ନାମରେ ଦେଶରେ କୌଣସି ନାଗରିକ ନାମକରଣ କରିବାକୁ ଶକ୍ତ କଟକଣା ରହିଛି । ଏଠାରେ ସମସ୍ତ ପ୍ରକାର ନିଶା ସେବନ ବୈଧ ଅଟେ। ଏହା କମ୍ୟୁନିଷ୍ଟ ଦେଶ ନହେଲେ ବି ଚାଇନା ଏହାର ଘନିଷ୍ଠ ସହଯୋଗୀ । ଚାଇନାପରି ଏହି ଦେଶର ଆଭ୍ୟନ୍ତରୀଣ ସମ୍ବାଦ, ବିଶ୍ୱ ସମୁଦାୟକୁ ପାଖକୁ ଯାଏ ନାହିଁ ।

ଏହାର ନାଗରିକମାନେ ବାହାର ଦୁନିଆ ବିଷୟରେ କିଛି ଜାଣି ପାରନ୍ତି ନାହିଁ । ଏପରିକି କେଶ କାଟିବା ପାଇଁ, ସରକାରଙ୍କ ସ୍ୱତନ୍ତ୍ର ନୀତି ରହିଛି । ପୁରୁଷମାନେ ୧୦ ପ୍ରକାର ଓ ମହିଳା ମାନେ ୧୮ ପ୍ରକାର କେଶ କାଟି ପାରିବେ । ରାଜାଙ୍କର କେଶସଜ୍ଜା ସବୁଠାରୁ ସ୍ୱତନ୍ତ୍ର । ନାପିତକୁ ସନ୍ଦେହ କରି ରାଜା ନିଜ କେଶ ନିଜେ କାଟନ୍ତି । କମ୍ପ୍ୟୁଟର ଇଣ୍ଟରନେଟ ଓ ଟିଭି ଜନସାଧାରଣ ଙ୍କ ପାଇଁ ଏବେ ବି ସ୍ୱପ୍ନ । ବାହାର ଦୁନିଆ ସହିତ ପ୍ରଜା ମାନଙ୍କୁ ପରିଚିତ କରିବାକୁ ରାଜା ଚାହାନ୍ତି ନାହିଁ । କୋରିଆନ ଭାଷାରେ ନିଜସ୍ୱ ଇଣ୍ଟରନେଟରେ, କେବଳ ସରକାରୀ କାର୍ଯ୍ୟ ହୁଏ ।

ଜିନ୍ ପିନ୍ଧିବା ଓ ବାଇବେଲ ରଖିବା, ସରକାରଙ୍କୁ ସମାଲୋଚନା କରିବା, ଅଶ୍ଳୀଳ ଚିତ୍ର ଦେଖିବା ,ନିଜ ଦେଶରୁ ଅନ୍ୟ ଦେଶକୁ ପଳାୟନ କରିବାକୁ ଚେଷ୍ଟା କରିବା, ବିଦେଶୀ ପର୍ଯ୍ୟଟକଙ୍କ ସହିତ ସମ୍ପର୍କ ରଖିବାକୁ ଏଠାରେ ଶକ୍ତ ପ୍ରତିବନ୍ଧ ଥାଏ । ଏହାର ବ୍ୟତିକ୍ରମରେ କେବଳ ମୃତ୍ୟୁ ଦଣ୍ଡ ଦିଆଯାଏ । ସରକାରୀ ସ୍ତରରେ ମାତ୍ର ତିନିଟି ଟିଭି ଚ୍ୟାନେଲ ଅଛି । ଏଥିରୁ ଦୁଇଟି ସାପ୍ତାହିକ ଓ ଗୋଟିଏ ଦୈନିକ ପ୍ରସାରଣ କରେ । କେବଳ ସରକାର ଯଙ୍କ ନୀତି ନିୟମ ଟିଭିରେ ପ୍ରସାରିତ ହୋଇଥାଏ। ମନୋରଞ୍ଜନର ନା ଗନ୍ଧ ନଥାଏ । ଘର ରଙ୍ଗ କରିବାକୁ ସରକାରଙ୍କ ଅନୁମତି ବାଧ୍ୟତାମୂଳକ। କେଉଁ ରଙ୍ଗ ଲାଗିବ ,ଘରର ସମ୍ମୁଖ ଭାଗରେ ରାଜାଙ୍କ କେଉଁ ଚିତ୍ର ରହିବ, ତାହା ସରକାର ସ୍ଥିର କରନ୍ତି ।

କିମ୍ ଜୋଙ୍ଗଙ୍କ ଅଜା ଓ ବାପାଙ୍କ ମୃତ୍ୟୁ ହୃଦଘାତରେ ହୋଇଥିଲା । ୧୭-୧୨-୨୦୧୧ ରେ ,ପିତାଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତେଷ୍ଟିକ୍ରିୟାରେ ଶୋକ ପାଳନ କରିବାକୁ, ଜନ ସାଧାରଣଙ୍କୁ କିମ୍ ଜୋଙ୍ଗଙ୍କ କଡ଼ା ନିର୍ଦ୍ଦେଶ ଥିଲା । କାନ୍ଦ ମାଡୁ କି ନମାଡୁ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆହୋଇ ଲୋକମାନେ ଉଚ୍ଚସ୍ୱରରେ କ୍ରନ୍ଦନ କରୁଥିଲେ କିନ୍ତୁ କିମ୍ ଜୋଙ୍ଗ କାନ୍ଦୁ ନଥିଲେ । ଯିଏ କାନ୍ଦୁ ନଥିଲା, ସେ ତାକୁ ଲକ୍ଷ କରି ଗୁଳି ମାରୁଥିଲେ ।

ଭଏସ୍ ଅଫ୍ ଭିକ୍ଟିମ୍ସ

ନିଜ ଦାଦା ଜାଙ୍ଗସୋଙ୍ଗ ଥେକ୍ଙ୍କୁ କିମ୍ ଜୋଙ୍ଗ ଅତି ନିଷ୍ଠୁର ଭାବେ ହତ୍ୟା କରିଥିଲେ। ୧୨୦ ଟି ବିଶାଳକାୟ କୁକୁର ଆଗରେ ଦାଦାଙ୍କୁ ଉଲଗ୍ନ କରି ଫିଙ୍ଗା ଯାଇଥିଲା । ସେଥିପାଇଁ କୁକୁର ମାନଙ୍କୁ ୩ ଦିନ ଭୋକିଲା ରଖାଯାଇଥିଲା । ଏହି ବିଭତ୍ସ ଦୃଶ୍ୟକୁ କିମ୍ ଜୋଙ୍ଗ ନିଜେ ଦେଖି ପୈଶାଚିକ ଆନନ୍ଦ ଅନୁଭବ କରିଥିଲେ । ତାଙ୍କ ଖୁଡି ଏହାକୁ ବିରୋଧ କରିବାରୁ ତାଙ୍କୁ ଜୋର ଜବରଦସ୍ତ ବିଷ ପିଆଇ ଦିଆଗଲା। ବଛା ବଛା ଶତାଧିକ ସୁନ୍ଦର ତରୁଣୀମାନଙ୍କୁ ନେଇ ଗଠିତ ଏକ ପ୍ଲେଜର ସ୍କ୍ୱାର୍ଡ, କିମ ଜୋଙ୍ଗଙ୍କ ପାଖେ ପାଖେ ରହିବା ପରମ୍ପରା, ତାଙ୍କ ଅଜା ଅମଳରୁ ପ୍ରଚଳିତ । ଏହା ରାଜାଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନର ସହାୟକ ହୁଏ ବୋଲି ଉତ୍ତରକୋରିଆ ରାଜବଂଶ ବିଶ୍ୱାସ କରନ୍ତି ।

ଏକଦା ଏକ ମିଟିଙ୍ଗରେ ପ୍ରମୁଖ ରକ୍ଷା ସଚିବ ଘୁମେଇ ଥିବାର ରାଜା ଲକ୍ଷ୍ୟ କଲେ। ତତକ୍ଷଣାତ୍ ତାଙ୍କର ବିଚାର ହେଲା ଓ ତାଙ୍କୁ ଭିଡ଼ି ଭିଡ଼ି ନେଇ ଏକ ତୋପରେ ବାନ୍ଧି ଉଡ଼ାଇ ଦିଆଗଲା । ତୋପରେ ବାନ୍ଧିଲାବେଳେ ଦେଶର ରକ୍ଷାମନ୍ତ୍ରୀ, ବରଡାପତ୍ର ପରି ଥରୁଥିଲେ । ସମସ୍ତ ସରକାରୀ କର୍ମଚାରୀ ଓ ଜନ ସାଧାରଣ ମଧ୍ୟ ଏହି ଦୃଶ୍ୟ ଦେଖୁଥିଲେ। ତାପରଠାରୁ, କାର୍ଯ୍ୟସ୍ଥଳୀରେ ଆଉ କେହି ଘୁମାନ୍ତି ନାହିଁ ।

ଏକଦା କିମ୍ ଜୋଙ୍ଗ ଶୁଣିବାକୁ ପାଇଲେ, ତାଙ୍କ ପ୍ରେମିକା ଏକ ନୃତ୍ୟ କାର୍ଯ୍ୟକର୍ମରେ ଯୋଗ ଦେଇଛନ୍ତି । ସେ ତୁରନ୍ତ ଯାଇ ନିଜେ ପ୍ରେମିକାକୁ ଗୁଳି ମାରି ହତ୍ୟା କରିଥିଲେ । ତାଙ୍କ ରାଗ ସେତିକିରେ ସରିନଥିଲା । ସେ ନୃତ୍ୟ ଦଳର ସମସ୍ତ ସଦସ୍ୟଙ୍କୁ ହତ୍ୟା କରିଥିଲେ। ସିଙ୍ଗାପୁରରେ କିମ୍ ଜୋଙ୍ଗଙ୍କ ସାନଭାଇକୁ ହତ୍ୟା କରାଯାଇଥିଲା । ଏଥିରେ କିମ୍ ଜୋଙ୍ଗଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଏ । ଜାତିସଂଘର ରିପୋର୍ଟ ଅନୁଯାୟୀ ୨୦୦୯ରେ ୧୧୯୩ ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ଦକ୍ଷିଣ କୋରିଆର ସିଓଲ ଅଲମ୍ପିକରେ ଉତ୍ତର କୋରିଆ ଭାଗ ନେଇଥିଲା । ଦକ୍ଷିଣ କୋରିଆଠାରୁ ଅଧିକ ମେଡାଲ ଆଣିବାକୁ ରାଜାଙ୍କ କଡା ନିର୍ଦ୍ଦେଶ ଥିଲା । ଅତିକମରେ ୧୭ ଟି ମେଡାଲ ଆଣିବାକୁ ଖେଳାଳିମାନଙ୍କୁ ରାଜା କହିଥିଲେ କିନ୍ତୁ ମେଡାଲ ମିଳିଲା ୭ଟି। ତାହା ପୁଣି ଦକ୍ଷିଣକୋରିଆ ଠାରୁ ଯଥେଷ୍ଟ କମ୍ । ରାଜାଙ୍କ ମୁଣ୍ଡକୁ ପିତ୍ତ ଚହଟିଲା । ଯେଉଁ ଖେଳାଳୀମାନେ ମେଡାଲ ଆଣିଲେ ନାହିଁ, ସେମାନଙ୍କୁ କୋଇଲା ଖଣିରେ ଶ୍ରମିକ ଭାବେ କାମ କରିବାକୁ ପଠାଇ ଦିଆଗଲା । ଉତ୍ତରକୋରିଆର ଜଣେ ମହିଳା ପ୍ରତିଯୋଗୀ ଦକ୍ଷିଣ କୋରିଆର ମହିଳା ଖେଳାଳୀଙ୍କ ସହ ସେଲ୍ଫି ନେବା ମହଙ୍ଗା ପଡିଲା । ସେଥିପାଇଁ ତାଙ୍କୁ ପ୍ରାଣଦଣ୍ଡ ଦିଆଗଲା । ଏହି ଦେଶରେ ବିଦେଶୀ ପର୍ଯ୍ୟଟକ ପାଇଁ ଭିସା ପାଇଁ ଶକ୍ତ କଟକଣା ରହିଛି । ଏରୋଡ୍ରମରେ ମୋବାଇଲ ଫୋନ, କ୍ୟାମେରା, ଲାପଟପ, ଜିନପ୍ୟାଣ୍ଟ ଓ ଅନ୍ୟ ଧର୍ମର ଯଦି କିଛି ପୁସ୍ତକ ଥାଏ, ରଖି ଦିଆଯାଏ । ରେଜିଷ୍ଟ୍ରାଡ଼ ଗାଇଡ଼ ବିନା ଆପଣ ବିମାନ ବନ୍ଦର ବାହାରକୁ ଯାଇ ପାରିବେ ନାହିଁ । ପର୍ଯ୍ୟଟକମାନେ କୌଣସି ସ୍ଥାନୀୟ ଅଧିବାସୀଙ୍କ ସହିତ କଥାହେବା ଓ ଫଟୋ ଉଠାଇବା ଉପରେ ଶକ୍ତ କଟକଣା ରହିଛି । କିଛି ବ୍ୟତିକ୍ରମ ହେଲେ ପର୍ଯ୍ୟଟକମାନେ ଆଉ ଫେରନ୍ତି ନାହିଁ ।

**ଦେଶବିଦେଶ**



ଅପରାଧ ପାଇଁ ଏଠାରେ ତିନି ପିଢ଼ିକୁ ଦଣ୍ଡ ବ୍ୟବସ୍ଥା ପ୍ରଚଳିତ । ଅପରାଧୀର ପୁଅ ଓ ନାତିଙ୍କୁ ମଧ୍ୟ ସମାନ ଦଣ୍ଡ ଭୋଗିବାକୁ ପଡେ । ତେଣୁ ଏଠାରେ ଅପରାଧର ହାର ନଗଣ୍ୟ । ହତ୍ୟା, ଧର୍ଷଣ, ଅପହରଣ, ଓ ଅନ୍ୟାନ୍ୟ ଅପରାଧ ଏଠାରେ ସଂଘଟିତ ହୁଏ ନାହିଁ। ଏପରିକି ନିଶାର୍ଦ୍ଧରେ ମଧ୍ୟ ମହିଳା ପର୍ଯ୍ୟଟକ ନିର୍ଭୟରେ ଚଳ ପ୍ରଚଳ ହୁଅନ୍ତି ।

ଏଠାରେ ତିନି ପିଢ଼ି ଦଣ୍ଡ ବ୍ୟବସ୍ଥା ସୁଦୂର ପ୍ରସାରୀ । କୋ ?ଣସି ଚୋର ଚାହିଁବ ନାହିଁ ଯେ ତାର ସାମାନ୍ୟ ଅପରାଧ ଯୋଗୁଁ ନିଜର ଗୋଟିଏ ହାତ କଟାଯାଉ । କେବଳ ସେତିକି ନୁହେଁ ପୁଅ ଓ ନାତି ମଧ୍ୟ ବିନା ଦୋଷରେ ସେମାନଙ୍କ ହାତ ହରାଇବେ । ଏଥିପାଇଁ ଏଠାରେ ଅପରାଧ ସୁନିୟନ୍ତ୍ରିତ । କରୋନା ମହାମାରୀ

ରାଜାଙ୍କୁ ଡ଼ରି ଦେଶଭିତରକୁ ପଶିବା କୁ ଡ଼ରିଲା ବୋଲି କୁହାଯାଏ । କରୋନା ସମୟରେ ବାହାର ପର୍ଯ୍ୟଟକଙ୍କ ପାଇଁ ଶକ୍ତ ପ୍ରତିବନ୍ଧ ଥିଲା। କରୋନା ସନ୍ଦିଗ୍ଧ ଲୁଚିଛପି ଦେଶ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କଲେ ସେମାନଙ୍କୁ ଗୁଳି ମାରିବା କୁ ନିର୍ଦ୍ଦେଶ ଥିଲା ।

ରେଡ଼ିଓ ସେବା ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ଘରେ ବସି ସରକାରଙ୍କ ସୂଚନା ଲୋକମାନେ ଶୁଣିବାକୁ ଏକ ପ୍ରକାର ବାଧ୍ୟ। ସେଠାରେ ରେଡ଼ିଓ ସବୁ ସ୍ୱଂୟ ଚାଳିତ । ଆପଣ ଚାହିଁଲେ ବି ଏହାକୁ ବନ୍ଦ କରିପାରିବେ ନାହିଁ । ସମୁଦାୟ ଇଂଣ୍ଟରନେଟ ବ୍ୟବହାରୀଙ୍କ ସଂଖ୍ୟା ସମଗ୍ର ଦେଶରେ ମାତ୍ର ୬୦୫ ଜଣ, ସମସ୍ତେ ସରକାର କର୍ମଚାରୀ । କେବଳ ଆର୍ମି ଅଫିସର ଓ ଉଚ୍ଚପଦସ୍ତ କର୍ମଚାରୀଙ୍କୁ କାର କିଣିବାକୁ ଅନୁମତି ମିଳେ ।

ଦୁଇ ଦେଶ ସ୍ୱାଧୀନ ହେଲାପରେ, ୨୩୦୦୦ ଉତ୍ତର କୋରିଆରୁ ଦକ୍ଷିଣ କୋରିଆକୁ ପଳାୟନ କରିଛନ୍ତି । କିନ୍ତୁ ଦକ୍ଷିଣ କୋରିଆରୁ ଆସିଛନ୍ତି ମାତ୍ର ୨ ଜଣ।୨୧-୦୯-୧୯୫୩ ରେ ଉତ୍ତର କୋରିଆର ଜଣେ ବୈମାନିକ ନୋକୁମ ଶୋକ , ଏକ ଉଡାଜାହାଜ ନେଇ, ଦକ୍ଷିଣ କୋରିଆ ପଳାୟନ କରିଥିଲେ । ସେଠାରେ ତାଙ୍କୁ ଉଚ୍ଛସ୍ୱିତ ସମ୍ବର୍ଦ୍ଧନା ଦିଆଯାଇ ପୁରସ୍କୃତ କରା ଯାଇଥିଲା ।

ଉତ୍ତର କୋରିଆର ୪ ଟି ଗୁପ୍ତ ସୁଡ଼ଙ୍ଗ ରହିଛି । ଯେକୌଣସି ସମୟରେ ଦକ୍ଷିଣ କୋରିଆକୁ ଅବରୋଧ କରିବାକୁ ହେଲେ, ପ୍ରତିସୁଡ଼ଙ୍ଗରେ ପ୍ରାୟ ୩୦୦୦୦ ସୈନବାହିନୀ ଟ୍ୟାଙ୍କ ସହ ଆରାମରେ ଯାଇପାରିବେ । ସୈନ୍ୟବାହିନୀରେ ଯୋଗଦେବା ଏକ ପ୍ରକାର ବାଧ୍ୟତା ମୂଳକ। ପ୍ରତି ପରିବାରର ଅନ୍ତତଃ ଜଣକୁ ସେନାରେ କାର୍ଯ୍ୟ କରିବାକୁ ପଡେ ।

ଉତ୍ତର କୋରିଆ ମାରାତ୍ମକ ଉଦଜାନ୍ ବୋମା ର ଅଧିକାରୀ ବୋଲି ଦାବି କରେ କିନ୍ତୁ ଆମେରିକା ଏହାକୁ ବିଶ୍ୱାସ କରେନାହିଁ ତେବେ ଆମେରିକା ବିବ୍ରତ । ଉତ୍ତର କୋରିଆ ପରମାଣୁ ଶକ୍ତି ସମ୍ପର୍ଣ୍ଣ ରାଷ୍ଟ୍ର । ଆମ ଓଡ଼ିଆ ରେ ଏକ ଢଗ ଅଛି,' ବାଇଆ ହାତରେ ନିଆଁନୁଣ୍ଡା' । ସମସ୍ତେ କ୍ରୁର ନିର୍ଦ୍ଦୟ ଶାସକଙ୍କ ସ୍ୱଭାବକୁ ଜାଣନ୍ତି । ଯୁକ୍ତରାଷ୍ଟ୍ରର ବାରଣ ସତ୍ତ୍ୱେ ମଧ୍ୟ ଉତ୍ତର କୋରିଆ କ୍ଷେପଣାସ୍ତ୍ର ପରୀକ୍ଷଣରୁ ବିରତ ହେଉନାହିଁ ।୨୩-୦୬-୧୯୬୮ ରେ, ଯୁକ୍ତରାଷ୍ଟ୍ର ନାଭିର ଏକ ଜାହାଜକୁ ଉତ୍ତରକୋରିଆ ବନ୍ଦୀକରି ନିଜ ଦଖଲ କୁ ନେବା ବିଶ୍ୱରେ ପ୍ରଥମ । ଜାହାଜଟି ବର୍ତ୍ତମାନ ଉତ୍ତର କୋରିଆର ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନ ।

ଶକ୍ତିଶାଳୀ ଆମେରିକା କୁ ଯୁଦ୍ଧଂଦେହି ଡାକରା ରେ ଉତ୍ତର କୋରିଆ ବିଶ୍ୱର ପ୍ରଥମ ରାଷ୍ଟ୍ର । ଆମେରିକାର ପ୍ରତ୍ୟେକ ସହରକୁ କ୍ଷେପଣାସ୍ତ୍ର ଭେଦ କରିବାକୁ ଉତ୍ତର କୋରିଆ ସମର୍ଥ । ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାରେ ସମଗ୍ର ବିଶ୍ୱ ଚିନ୍ତିତ । ଉତ୍ତର କୋରିଆ ଶିକ୍ଷା ପଦ୍ଧତି ଅତ୍ୟନ୍ତ ନୈରାଶ୍ୟଜନକ । କେବଳ ରାଜ ପରିବାରର ବିରତ୍ୱ ଗାଥା, ପିଲାମାନଙ୍କୁ ଶିକ୍ଷା ଦିଆଯାଏ । ବାହାର ଦୁନିଆ ବିଷୟରେ କୌଣସି ଶିକ୍ଷା ଦିଆଯାଏ ନାହିଁ। ଶିକ୍ଷାନୁଷ୍ଠାନରେ ମୂଳରୁ ପିଲାମାନଙ୍କୁ ଆମେରିକାନ୍ ମାନଙ୍କୁ ଘୃଣା କରିବା ଶିକ୍ଷା ଦିଆଯାଏ । ଆମେରିକାନ ମାନଙ୍କର ବଡ ନାକ, ବଡ ଆଖି ଓ ଲୋମଶ ଚେହେରାର କାର୍ଟୁନ କରିବାକୁ ଶିଶୁମାନଙ୍କୁ ଶିକ୍ଷା ଦିଆଯାଏ। ପିଲାମାନେ ନିଜର ବେଞ୍ଚ,ଡେସ୍କ ଏପରିକି କଳାପଟା ଓ ଚକଖଡିର ମୂଲ୍ୟ ସ୍କୁଲରେ ପଇଠ କରନ୍ତି।

ବର୍ତ୍ତମାନ ୨୦୨୨ ମସିହା କିନ୍ତୁ ଉତ୍ତର କୋରିଆ ରେ ୧୧୧ ବର୍ଷ ପ୍ରଚଳିତ । କିମ୍ ଜୋଙ୍ଗ ତାଂକ ଅଜାଙ୍କ ଜନ୍ମ ଦିନଠାରୁ ନୂଆ କ୍ୟାଲେଣ୍ଡର ତିଆରି କରିଛନ୍ତି।

**ଭୁବନେଶ୍ୱର**

# ନୂଆପଡ଼ାରେ କିଙ୍ଗମେକର ସାଜିବ 'ସିମ୍ପାଥି ଭୋଟ୍'

**ନୂଆପଡ଼ା (ଭିଓଭି) :** ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜୟ ଢୋଲକିଆ ଭୋ ଭୋ ହୋଇ କାନ୍ଦିଲେ, ଆଉ ଏପଟେ ନବୀନ ନିଜେ ତାଙ୍କ ସହିତ ବେଇମାନୀ ହେଇଥିବା କଥା ଖୋଲା ମଞ୍ଚରେ କହିଲେ । ଏହାସହ କଂଗ୍ରେସ ପ୍ରାର୍ଥୀ ବି ୫ ଥର ନିର୍ବାଚନ ହାରିଥିବା କଥାକୁ ବାରମ୍ବାର ଲୋକଙ୍କୁ ଜଣେଇଲେ । ନୂଆପଡ଼ା ବାଇ ଇଲେକ୍ସନ ପ୍ରଚାରରେ ସବୁଠୁ ଚର୍ଚ୍ଚାରେ ଥିଲା ଏମିତି କିଛି ଘଟଣା । ହେଲେ ଏହା ପଛର ରାଜନୀତି କିନ୍ତୁ ଭାରି ଗଭୀର ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି, ନୂଆପଡ଼ାରେ ତିନି ପ୍ରମୁଖ ଦଳ ନିର୍ବାଚନ ପ୍ରଚାର ବେଳେ ଲୋକଙ୍କ ଦରଦ ଗୋଟେଇବାକୁ ଲାଗିପଡ଼ିଥିଲେ । ଆଉ ଏହି ଦରଦକୁ କେମିତି ଭୋଟରେ ବଦଳାଇ ହେବ, ସେନେଇ ରଣନୀତି କରିଥିଲେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଆଉ କଂଗ୍ରେସ । ଉପ ନିର୍ବାଚନରେ ସିମ୍ପାଥି ଭୋଟ୍ ଗେମ୍ ଚେଞ୍ଜର ହୁଏ । ଅଧିକାଂଶ ସମୟରେ ଦିବଙ୍ଗତ ନେତାଙ୍କ ପରିବାର ସଦସ୍ୟଙ୍କୁ ଭୋଟ୍ ଅଜାଡ଼ି ଦିଅନ୍ତି ଭୋଟର । ହେଲେ ଏଥର କିନ୍ତୁ ନୂଆପଡ଼ା ବାଇ ଇଲେକ୍ସନରେ କିଛି ନୂଆ ଦେଖିବାକୁ ମିଳିଛି । ତିନୋଟି ଯାକ ଦଳ ନିଜ ନିଜର ସିମ୍ପାଥି କାର୍ଡ ଖେଳିବା ସହିତ ଲୋକଙ୍କ ଭୋଟ୍ ଜୁଟାଇବାକୁ ଲାଗି ପଡ଼ିଛନ୍ତି । ବିଜେପି ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରି ସିମ୍ପାଥି ଭୋଟକୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରିଛି । ଏମିତି କି ଜୟ ଢୋଲକିଆଙ୍କ ସବୁ ପୋଷ୍ଟର, ବ୍ୟାନରରେ



ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ବି ରହିଛି । ଖାଲି ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜୟ ଢୋଲକିଆ ଯେଉଁଭଳି ଭାବେ ଭୋ ଭୋ ହେଇ କାନ୍ଦିଲେ ତା' ମଧ୍ୟ ତାଙ୍କ ପ୍ରତି ଲୋକଙ୍କ ସହାନୁଭୂତିକୁ ବଢ଼େଇ ଦେଇଛି ।

ଅନ୍ୟପଟେ ବିଜେଡି ମଧ୍ୟ ସହାନୁଭୂତି ଭୋଟ୍ ପାଇବାକୁ ଆଶା ବାନ୍ଧି ବସିଛି । ବିଜେଡି ଆଉ ନବୀନଙ୍କ ସହ ବେଇମାନୀ ହେଇଥିବା କଥା କହି, ଲୋକଙ୍କ ସିମ୍ପାଥି ଗୋଟେଇବାକୁ ଚେଷ୍ଟା କରିଛି ବିଜୁ ଜନତା ଦଳ । ଏମିତି କି ଖୋଲା ମଞ୍ଚରୁ ମଧ୍ୟ ନବୀନ ତାଙ୍କ ସହିତ ବେଇମାନୀ ହେଇଥିବା କଥା କହି ବିଜେପି ପ୍ରାର୍ଥୀ ଚୋରି କରିଛି ବୋଲି ଅଭିଯୋଗ କରିଥିଲେ । ତେଣୁ କେଉଁଠି ନା କେଉଁଠି ବିଜେଡି ମଧ୍ୟ ସହାନୁଭୂତି ଭୋଟ୍ ଉପରେ ନଜର ରଖିବା ସହିତ, ଏହି ଭୋଟକୁ ହାତେଇବାକୁ ଜୋରଦାର ଚେଷ୍ଟା ଚଳେଇଛି । ବିଜେଡି ଆଉ ବିଜେପିର ଏହି ସିମ୍ପାଥି ଭୋଟ୍ ଜୁଟାଇବାର ଲଢ଼େଇ ଭିତରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ କିନ୍ତୁ ଭିନ୍ନ ଢଙ୍ଗରେ ସିମ୍ପାଥି ଭୋଟ୍ ଜୁଟାଇବାକୁ ଲାଗି ପଡ଼ିଛନ୍ତି । ଗରିବ ଆଦିବାସୀ ପୁଅ, ୫ ଥର ନିର୍ବାଚନ ହାରିଥିବା କଥାକୁ ସେ ବାରମ୍ବାର ଲୋକଙ୍କ ସାମ୍ନାରେ ରଖିଛନ୍ତି । ତେଣୁ ଘାସିରାମ ମଧ୍ୟ ଏହି କଥାରେ ସହାନୁଭୂତି ଭୋଟ୍ ନିଜ ସପକ୍ଷରେ ଆଣିବାକୁ ଆଶା ରଖିଛନ୍ତି ।

ନୂଆପଡ଼ାରେ ଆଜି ପ୍ରଚାର ଶେଷ ହେଉଥିବା ବେଳେ ୧୧ ତାରିଖରେ ପଡ଼ିବ ନୂଆପଡ଼ା ଭୋଟ୍ । ତେଣୁ ଦେଖିବାକୁ ବାକି ରହିଲା, ନୂଆପଡ଼ାରେ ଏହି ସିମ୍ପାଥି ଭୋଟ୍ କାହା ପାଖକୁ ଯାଉଛି ଆଉ କିଏ ନୂଆପଡ଼ାବାସୀଙ୍କ ମନ ଜିଣୁଛି ?

# ତିନି ଦଳ ଖୋଜୁଛନ୍ତି ନିଜ ନିଜ ବିଭୀଷଣ

**ନୂଆପଡ଼ା (ଭିଓଭି) :** ଉପନିର୍ବାଚନରେ 'ମ୍ୟାନେଜ୍‌ମେଣ୍ଟ୍' ରଣନୀତି କେବଳ ଭୋଟରଙ୍କ ପାଖରେ ସୀମିତ ନାହିଁ । ନିଜ ଦଳର ଅସନ୍ତୁଷ୍ଟଙ୍କୁ ଜଗିବା ଓ ସେମାନଙ୍କୁ 'ମ୍ୟାନେଜ୍' କରିବା ଏବେ ତିନି ଦଳ ପାଇଁ କାଠିକର ପାଠ ହେଲାଣି । ଦିନ ଯେତିକି ପାଖେଉଛି, ଅବିଶ୍ୱାସର ବାତାବରଣ ସେତିକି ବଢ଼ୁଛି । ତେବେ ପ୍ରତିଟି ଦଳରେ ଏବେ ନିଜ ଲୋକଙ୍କ ଉପରେ ସନ୍ଦେହର ଚକ୍ଷୁ ଅଧିକ ରହିଛି । ନୂଆପଡ଼ାକୁ ନିରିଖେଇ ଦେଖିଲେ ଜଣାପଡୁଛି, ତିନି ଦଳ ଭିତରେ ଏବେ ସନ୍ଦେହ ଆଉ ଅବିଶ୍ୱାସ ଭରି ରହିଛି । ତେଣୁ ଏବେଠୁ ନିଜ ନିଜ ଦଳରେ ବିଭୀଷଣ ଖୋଜିବା ଆରମ୍ଭ କରିଛନ୍ତି ପାର୍ଟି ମୁଖିଆ । ଚର୍ଚ୍ଚା ହେଉଛି ଏଥର କଂଗ୍ରେସ ତୁଳନାରେ ବିଜେପି ଓ ବିଜେଡିରେ ସନ୍ଦେହ, ଅବିଶ୍ୱାସ ଅଧିକ ରହିଛି । ଅପ୍ରତ୍ୟାଶିତ ପ୍ରାର୍ଥୀ ଚୟନ ହିଁ ଏହାର ଏକମାତ୍ର କାରଣ ବୋଲି କୁହାଯାଉଛି । ତେବେ ଦଳ ଭିତରେ ଥିବା ବିଭୀଷଣଙ୍କ ଭୟ ଏବେ ନେତାଙ୍କ ଟେନସନକୁ ବଢ଼ାଇ ଦେଇଛି । କାହିଁକି ନା, ବିଜେପି ଜୟ ଢୋଲକିଆଙ୍କୁ ଅଚାନକ ବିଜେଡିରୁ ଆଣି ପ୍ରାର୍ଥୀ କଲା । ଫଳରେ ବିଜେପିର ପୁରୁଣା ଆଶାୟୀମାନେ ହତାଶ ହେଲେ । ଜୟଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ଏହି ଅସନ୍ତୁଷ୍ଟ ପୁରୁଣା ବିଜେପି ନେତାମାନଙ୍କୁ ରାଜ୍ୟ ନେତୃତ୍ୱ ବୁଝାସୁଝା କରିଛନ୍ତି । କିନ୍ତୁ



ଅସନ୍ତୁଷ୍ଟ ନେତାମାନେ କେତେ ପ୍ରତିଶତ ଜୟଙ୍କୁ ଗ୍ରହଣ କଲେ, ତାହା ଫଳାଫଳ ଦିନ ହିଁ ଜଣାପଡ଼ିବ । ତେବେ ନୂଆପଡ଼ା ବିଜେପିରେ ଏହି ସନ୍ଦେହ ପଛର କାରଣ ହେଲା, ଜୟ ଢୋଲକିଆ ନିର୍ବାଚନ ଜିତିଲେ ଅନେକ ପୁରୁଣା ବିଜେପି ନେତାଙ୍କ ଭବିଷ୍ୟତ ଅନିଶ୍ଚିତତାକୁ ଠେଲି ହୋଇଯିବ । ଏହାସହ ଯାହା ବିରୋଧରେ ସେମାନେ ଲମ୍ବା ସମୟ ଧରି ଲଢ଼େଇ କରୁଥିଲେ ତାଙ୍କରି ପୁଅଙ୍କୁ ଗ୍ରହଣ କରିବା ମୁଡ୍‌ରେ, ଏବେ ସେମାନେ ନାହାଁନ୍ତି । ସେପଟେ ବିଜେଡିରେ ଥିବା ଢୋଲକିଆଙ୍କର କିଛି ଅନୁଗତ ଏବେ ବିଜେପିରେ ଜୟଙ୍କ ପାଇଁ ପ୍ରଚାର ମଙ୍ଗ ଧରିଥିବାରୁ ବିଜେପି ନେତାମାନଙ୍କୁ ଏହା ହଜମ ହେଉନି । ଯାହାକି ବିଜେପି ଦଳରେ ବିଭୀଷଣଙ୍କୁ ଜନ୍ମ ଦେଇଛି । ବିଜେପି ଭଳି ବିଜେଡିରେ ବି ସମାନ ସ୍ଥିତି । ଜୟ ଢୋଲକିଆ ବିଜେପିକୁ ଗଲା ପରେ ବିଜେଡିରେ ଆଶାୟୀ କମ୍ ନଥିଲେ । ବର୍ଷ ବର୍ଷ ଧରି ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ଅନେକ ନେତା ବଡ଼ ଭୂମିକା ନେଇଥିଲେ । କିନ୍ତୁ ବିଜେଡି ଜିଲ୍ଲା ବାହାରୁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଲା । ପରବର୍ତ୍ତୀ ସମୟରେ ବିଜେଡି ତା'ର ସବୁ କଳବଳ କେ ?ଶଳ ଖଟାଇ ସ୍ନେହାଙ୍ଗିନୀଙ୍କ ପ୍ରଚାର କାର୍ଯ୍ୟକୁ ଜୋରଦାର କରିବାରେ ସକ୍ଷମ ହୋଇଛି । କିନ୍ତୁ ଅନ୍ୟ ଆଶାୟୀମାନେ ତାଙ୍କ ସହ ବୁଲୁଥିଲେ ବି ଦଳ ସମ୍ପୂର୍ଣ୍ଣ ଭରସା କରିପାରୁନି । ବାହାରୁ ଯାଇଥିବା ନେତା ଏବେ ଛକମୁଣ୍ଡରେ ଛାଇ ପରି ରହୁଛନ୍ତି । କେମିତି ଏହି ଅସନ୍ତୁଷ୍ଟ ନେତାମାନେ ଦଳକୁ କ୍ଷତି ନପହଞ୍ଚାଇବେ ସେଥିପାଇଁ ବିଜେଡି ବି ବେଶ ସତର୍କ ରହିଛି ।

ଏ ତ ଥିଲା ବିଜେଡି ଆଉ ବିଜେପି କଥା । ହେଲେ କଂଗ୍ରେସରେ କିନ୍ତୁ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇନି । ନିର୍ବାଚନ ତାରିଖ ଘୋଷଣାର ବହୁ ପୂର୍ବରୁ ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରିଥିଲା । ହେଲେ କଂଗ୍ରେସରେ ବି ଏବେ ଏମିତି କିଛି ନେତା ଅଛନ୍ତି, ଯିଏକି ଦଳ ପାଇଁ ବିଭୀଷଣ ହେଇପାରନ୍ତି । ଏହି ନେତାମାନଙ୍କୁ ନିଜ ପଟକୁ ନେବା ପାଇଁ ବିଜେଡି ଓ ବିଜେପି ଉଦ୍ୟମ ଚଳାଇଛନ୍ତି । ଯାହାକି ଘାସିରାମଙ୍କ ପାଇଁ ବିପଦ ସୃଷ୍ଟି କରିପାରେ । ପ୍ରଚାର ସରିବାକୁ ଯାଉଛି, ଆଉ ଆଗକୁ ଭୋଟ୍ ପଡ଼ିବାକୁ ଯାଉଛି । ହେଲେ ଭୋଟ୍ ପଡ଼ିବା ପୂର୍ବରୁ ବାକି ରହିଥିବା ଏତିକି ଘଣ୍ଟା ବେଶ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ହିଁ ତିନି ଦଳର ସ୍ଥାନୀୟ ନେତା ଶେଷ ରଣନୀତିକୁ କାର୍ଯ୍ୟକାରୀ କରିବେ । ଆଉ ଏହି ସମୟରେ ବିଭୀଷଣଙ୍କୁ ଜଗିଛନ୍ତି ତିନି ଦଳର ପାର୍ଟି ମୁଖିଆ ।

# ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର ଶେଷ

**ନୂଆପଡ଼ା (ଭିଓଭି) :** ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସରିବ ପ୍ରଚାର । ଦିନ ୪ଟାରୁ ପ୍ରଚାର ବନ୍ଦ ହୋଇଯିବ । ରବିବାର ଶେଷ ଦିନ ପ୍ରଚାର ଥିବାରୁ ସବୁ ଦଳ ଓ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଛନ୍ତି । ଦିନ ୪ଟାରୁ ଲାଗୁ ହେବ ସାଇଲେନ୍ସ ପିରିୟଡ୍ । ମତଦାନ ପୂର୍ବର ୪୮ ଘଣ୍ଟା ପୂର୍ବ ସମୟ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ଯାହାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ପ୍ରଶାସନକୁ କୁହାଯାଇଛି । ମତଦାନର ୪୮ ଘଣ୍ଟା ପୂର୍ବର ଅବଧି ଅର୍ଥାତ ନୀରବ ଅବଧି, କୌଣସି ରାଜନୈତିକ ପ୍ରଲୋଭନ କିମ୍ବା ପ୍ରଚାର ଦ୍ୱାରା ପ୍ରଭାବିତ ନ ହୋଇ, ଭୋଟରମାନଙ୍କୁ ସେମାନଙ୍କ ମତଦାନର ନିରପେକ୍ଷ ନିଷ୍ପତ୍ତି ନିର୍ଣ୍ଣୟ କରିବା ପାଇଁ ଯୋଗାଇ ଦିଆଯାଇଥାଏ ।

ନୀରବ ଅବଧି ପୂର୍ବରୁ, ସମସ୍ତ ପ୍ରକାରର ପ୍ରଚାର କାର୍ଯ୍ୟ ସରିବ । ସମସ୍ତ ରାଜନୈତିକ ବ୍ୟକ୍ତିବିଶେଷ ଏବଂ କାର୍ଯ୍ୟକର୍ତ୍ତା, ଯେଉଁମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ବାହାରୁ ଅଣାଯାଇଥାଏ, ପ୍ରଚାର ଅବଧି ଶେଷ ହେବା ପରେ ସେମାନେ ସେହି ନିର୍ବାଚନ ମଣ୍ଡଳୀରେ ଆଉ ରହି ପାରିବେ ନାହିଁ । ଏହାସହ କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ହଲ୍ ଇତ୍ୟାଦିରେ କୌଣସି ବାହାର ଅଞ୍ଚଳର ଲୋକ ରହୁଛନ୍ତି କି ନାହିଁ ତାହା ପୁଲିସ୍ ଯାଞ୍ଚ କରିବ । ଲଜ୍ ଓ ଅତିଥି ଗୃହ ଗୁଡ଼ିକର ଅତିଥି ତାଲିକାର ମଧ୍ୟ ଯାଞ୍ଚ କରାଯିବ । ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହେବ ନାହିଁ । ନିର୍ବାଚନ ମଣ୍ଡଳୀରେ କେବଳ ସ୍ଥାନୀୟ ଭୋଟରମାନେ ରହୁଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ପରିଚୟ ପତ୍ର ଯାଞ୍ଚ କରିବେ ।

ଦିନ ୪ଟାରୁ ଲାଗୁ ହେବ ସାଇଲେନ୍ସ ପିରିୟଡ୍ । ମତଦାନ ପୂର୍ବର ୪୮ ଘଣ୍ଟା ପୂର୍ବ ସମୟ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ । ମତଦାନର ୪୮ ଘଣ୍ଟା ପୂର୍ବର ଅବଧି ଅର୍ଥାତ ନିରବ ଅବଧି । ନିରବ ଅବଧି ପୂର୍ବରୁ, ସମସ୍ତ ପ୍ରକାରର ପ୍ରଚାର କାର୍ଯ୍ୟ ସରିବ । ବାହାରୁ ଆସିଥିବା ରାଜନୈତିକ ବ୍ୟକ୍ତିବିଶେଷ, କାର୍ଯ୍ୟକର୍ତ୍ତା, ପ୍ରଚାର ଅବଧି ଶେଷ ପରେ ଫେରିଯିବେ ।




କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ହଲ୍ ଇତ୍ୟାଦିରେ ବାହାରର ଲୋକ ଅଛନ୍ତି କି ନାହିଁ, ପୁଲିସ୍ ଯାଞ୍ଚ କରିବ । ଲଜ୍ ଓ ଅତିଥି ଗୃହ ଗୁଡ଼ିକର ଅତିଥି ତାଲିକାର ମଧ୍ୟ ଯାଞ୍ଚ କରାଯିବ । ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ । ସେପଟେ ଶନିବାର ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାରେ ନିର୍ବାଚନ ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀ ବିମାନରେ ଆସି ଗୋତମା ଏୟାର୍ ଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ହେଲିକପ୍ଟରରେ ସୁନାବେଡ଼ା ଅଞ୍ଚଳକୁ ଯାଇଥିଲେ । ସେଠାରେ ଥିବା ମା' ସୁନାଦେଇଙ୍କ ଦର୍ଶନ କରି ମୁଖ୍ୟମନ୍ତ୍ରୀ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ, ୨୪ ବର୍ଷ ଧରି ବିଜେଡି ଶାସନରେ ରହିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନାବେଡ଼ାକୁ ଆସିଥିଲେ କି ? ହେଲେ ଓଡ଼ିଶାରେ ବିଜେପି ସରକାର ହେବାପରେ ସୁନାବେଡ଼ା ଅଞ୍ଚଳରେ ବସବାସ କରୁଥିବା ଚକୋଟିଆ ଭୁଞ୍ଜିଆ ସଂପ୍ରଦାୟର ସମସ୍ୟା ବୁଝିବାକୁ ଏଠାକୁ ଟାଣିହୋଇ ଆସିଲି । ଏହି ଅଞ୍ଚଳର ବିକାଶକୁ ଆଗକୁ ନେବା ପାଇଁ ଏହି ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ ।

ମାଓପ୍ରବଣ ଅଞ୍ଚଳ ହୋଇଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ସର୍କିଟ ହାଉସସ୍ଥିତ ହେଲିପ୍ୟାଡ୍‌ରେ ଓହ୍ଲାଇ ଏକ ରୋଡ୍‌ସୋ'ରେ ବାହାରିଥିଲେ । ବିଭିନ୍ନ ଛକରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ନୂଆପଡ଼ା ଏକତା ଛକଠାରେ ମଧ୍ୟ ଉପସ୍ଥିତ ଜନସାଧାରଣଙ୍କୁ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ ।

ଏଠାରେ ମଧ୍ୟ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଥିଲେ ଶ୍ରୀ ମାଝୀ । କହିଥିଲେ, ଏହି ଏକତା ଛକଠାରେ ଗତକାଲି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଅନେକ କଥା କହିକି ଗଲେ । ଗତ ୨୪ ବର୍ଷ ଧରି ବିଜେଡି ସରକାରଙ୍କୁ ଓଡ଼ିଶାବାସୀ ଦାୟିତ୍ୱ ଦେଇଥିଲେ । ଓଡ଼ିଶାବାସୀ ଆଶା କରିଥିଲେ ଯେ ଓଡ଼ିଶାର ବିକାଶ ଓ ପ୍ରଗତି ସହ ଆଦିବାସୀଙ୍କ ବିକାଶ ହେବ । କିନ୍ତୁ ସେ ଲୋକଙ୍କ ଭାବନାକୁ ବୁଝିପାରି ନଥିଲେ

# ସଂପାଦକୀୟ

## କାଞ୍ଜିଅଁଳା ଓ ଶୁଖୁଆ ବୋହୂ

ମାର୍ଗଶିର ମାସ ପ୍ରଥମାଷ୍ଟମୀର ଠିକ୍ ପରଦିନ ପାଳିତ ହୋଇଥାଏ କାଞ୍ଜିଅଁଳା। ଏହା ଆମ ରାଜ୍ୟ ଓଡିଶାର ଏକ ବଡ ପର୍ବ ନହେଲେ ମଧ୍ୟ ପ୍ରଥମାଷ୍ଟମୀ ପରଦିନ ପାଳିତ ହେଉଥିବାରୁ ତା'ର ପ୍ରାସଙ୍ଗିକତା ରହିଛି। ଗତ ବର୍ଷ ଏଇ କାଞ୍ଜି ଅଁଳା ସମୟରେ ଏକ ବ୍ୟକ୍ତିଗତ କାମରେ ପୁରୀ ଜିଲ୍ଲା, ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ରାୟଗୁରୁପୁର ଗାଁକୁ ଯାଇଥିବା ବେଳେ ଗାଆଁର ପର୍ବପର୍ବାଣୀ ଯଥା ଶୀତଳଷଷ୍ଠୀରେ ହାବେଳୀ, ତୋପ ବାଣ ସବୁ ଗାଆଁ ଦାଣ୍ଡରେ ପୋତି ଫୁଟାଇବା ନିମନ୍ତେ ଲୋକେ ଗାଆଁ ଦାଣ୍ଡକୁ କଂକ୍ରିଟ କରିବାକୁ ଆସିଥିବା ସରକାରୀ ଅନୁଦାନକୁ ପ୍ରତ୍ୟାଖାନ ଭଳି ଅନେକ ବିଶେଷତ୍ୱ ସମ୍ବନ୍ଧରେ କଥା ହେଉ ହେଉ ଗାଆଁ ପୋଖରୀ ନିକଟରେ ପହଞ୍ଚି ଦେଖିଲି ଭାଇ ଜଣେ ବନଶି କଣ୍ଟା ଖାଡ଼ି ପକାଉଛନ୍ତି। ମାଛ ପଡୁଛନ୍ତି ନା ନାହିଁ ପଚାରିଥିଲି। ବନଶି କଣ୍ଟା ପକାଉଥିବା ଭାଇ କହିଥିଲେ ଆଜି କାଞ୍ଜିଅଁଳା ତ, ଜିଅନ୍ତା ଗଡିଶା ମାଛଟିଏ ଧରିବା ପାଇଁ ଅପେକ୍ଷାରେ ବସିଛି। ମୋର ପିଲା ଦିନର ବନଶି କଣ୍ଟା ଖାଡ଼ି ପକାଇବା ଅଭ୍ୟାସ ଥିବାରୁ ତାଙ୍କୁ ସାହାଯ୍ୟ କରିଥିଲି ଆଉ ସେ ଗଡିଶା ମାଛଟିଏ ନେଇ ଖୁସି ମନରେ ଘରକୁ ଯାଇଥିଲେ। ଏହି ଦିନଟିର ମହତ୍ତ୍ୱ ଭିନ୍ନ ପ୍ରକାରର।




ପିଲା ଦିନେ କାଞ୍ଜି ଅଁଳା ମାନେ ମନ ଖୁସି, ସକାଳୁ ଚଉରା ସାମ୍ନାରେ ଚତୁର୍ଭୁଜ ଭଳି ଛୋଟିଆ ପୋଖରୀ ବା କୁଣ୍ଡଟିଏ ଖୋଳାହୁଏ। ବିଲରୁ ଧାନ କେଣ୍ଡା ଲାଗିଥିବା ଧାନ ବୁଦାଟିଏ ଆସି ମଝିରେ ରଖାଯାଏ। ସନ୍ଧ୍ୟାରେ ୭ଟି ପିତା ଶୁଖୁଆ'କୁ ହଳଦୀ ପାଣିରେ ଧୋଇ, ସେଥିରେ ହଳଦୀ କନା ଗୁଡ଼ାଇ, ବୋହୁ ଭଳି କଜ୍ଜଳ, ସିନ୍ଦୂର ଲଗାଇ ସଜାଇ ଚଉରା ସାମ୍ନା ପୋଖରୀ ପାଖରେ ରଖାଯାଏ। ଜିଅନ୍ତା ଗଡ଼ିଶା ମାଛ ଗୋଟିକୁ ସେହି ପୋଖରୀରେ ଛାଡି ପିଠା, ଭାତ ସହ ମୂଳା, ସାରୁ, ଭଣ୍ଡା ଇତ୍ୟାଦି ଅନେକ ପ୍ରକାର'ର ପରିବା ପଡ଼ି ପ୍ରସ୍ତୁତ କାଞ୍ଜିକୁ ସେହି ଠାରେ ଷଷ୍ଠୀ ଦେବୀଙ୍କୁ ପୂଜା କରାଯାଇଥାଏ।

ପିଲାମାନଙ୍କ ମଙ୍ଗଳ କାମନା ନିମିତ୍ତ ମାଆମାନେ ଏହି ପୂଜା ପାଳନ କରିଥାନ୍ତି। ବିଜ୍ଞାନ ସମ୍ମତ କାରଣ ଦେଖିଲେ ଶୀତ ଋତୁରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ କାଞ୍ଜି ଏକ ଅମୋଘ ଔଷଧୀୟ ଖାଦ୍ୟ ବୋଲି ବିବେଚନା କରାଯାଏ। ଏହାକୁ ସମସ୍ତେ ଖାଇବା ନିମନ୍ତେ ଏହି ପର୍ବ ସୂଚନା ଦେଇଥାଏ ବୋଲି ବିଶ୍ୱାସ ରହିଛି। ଦିନକୁ ଦିନ ଆମେ ସଭିଏଁ ପୁରୁଣା ପରମ୍ପରା ଓ ପ୍ରଥାକୁ ଭୁଲିଯାଉଛେ। ଆଜିର ପିଢି ବିଜ୍ଞାନ ଓ କାରିଗରୀ କୌଶଳରେ ରଚି ରଖୁଥିଲେ ବି ଈଶ୍ୱର ବିଶ୍ୱାସୀ ଓ ଧର୍ମକୁ ଆଦର କରୁଛନ୍ତି। ସେମାନଙ୍କୁ ଏଇ ଲେଖା ମାଧ୍ୟମରେ ବୁଡି ଯାଉଥିବା ପ୍ରଥା ଓ ପରମ୍ପରକୁ ପୁନଃ ଉଜ୍ଜୀବିତ କରିବାକୁ ନିବେଦନ କରିବା ସହିତ ସମସ୍ତଙ୍କୁ କହିବି ଆସନ୍ତୁ ଆଜି ଠାରୁ ଘରେ ପ୍ରସ୍ତୁତ କାଞ୍ଜି ଖାଇବା।

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଇତିହାସ ରଚିଲା ଜୋହରାନଙ୍କ ଜୟଯାତ୍ରା



ବିମଳ ଅଗ୍ରୱାଲ

ସେ ଆମେରିକାର ରାଷ୍ଟ୍ରପତି ପଦବୀପାଇଁ ନିର୍ବାଚନ ଲଢୁନଥିଲେ ସତ, କିନ୍ତୁ ତାଙ୍କ ବିରୋଧରେ ପ୍ରଚାରର ମଙ୍ଗ ଧରିଥିଲେ ସ୍ୱୟଂ ରାଷ୍ଟ୍ରପତି ଟ୍ରମ୍ପ। ତାଙ୍କୁ କମ୍ୟୁନିଷ୍ଟ ଲୁନାଟିକ୍ କହି ସମାଲୋଚନା କରାଯାଉଥିଲା ଅଥଚ ପୁଞ୍ଜିବାଦୀ ଆମେରିକାରେ ସେ ସ୍ପଷ୍ଟ ବହୁମତ ପାଇ ମେୟର ନିର୍ବାଚନ ଜିତିଲେ। ଆମେରିକାର ଇସ୍ରାଏଲ୍ ନୀତିକୁ ତୀବ୍ର ବିରୋଧ କରି ସେ ପାଲିଷ୍ଟାନୀମାନଙ୍କୁ ସମର୍ଥନ କରୁଥିଲେ ଅଥଚ ନ୍ୟୁୟର୍କ ସହରରେ ବାସ କରୁଥିବା ପ୍ରାୟ ୪୪% ଇହୁଦୀଙ୍କ ଭୋଟପାଇ ନିର୍ବାଚନ ଜିତିଲେ। ତାଙ୍କର ଇସଲାମିକ୍ ଧାର୍ମିକ ପୃଷ୍ଠଭୂମି ବିରୋଧରେ ଅନେକ ଚର୍ଚ୍ଚା ହେଲା, କିନ୍ତୁ ସେ ନିଜର ଧାର୍ମିକ ପରିଚୟକୁ ନେଇ ଗର୍ବ କରୁଥିବାର ସ୍ପଷ୍ଟ ଘୋଷଣା କରି ଏବଂ ନେତାନ୍ୟୁ ଓ ମୋଦିଙ୍କ ମୁସଲମାନ ବିରୋଧୀ ଛବିକୁ ସର୍ବସାଧାରଣରେ ବିରୋଧ କରି ମଧ୍ୟ ପ୍ରବାସୀ ହିନ୍ଦୁଙ୍କ ସମେତ ଅନ୍ୟ ଧାର୍ମିକ ବର୍ଗଙ୍କର ସମର୍ଥନ ଲାଭ କରିପାରିଲେ। ଏଲନ୍ ମସ୍କଙ୍କ ସମେତ ଅନେକ ବିଶିଷ୍ଟ ପୁଞ୍ଜିପତି ତାଙ୍କୁ ହରେଇବା ପାଇଁ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କଲେ, କିନ୍ତୁ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ (Crowd Funding) କରି ସେ ନିର୍ବାଚନ ପରିଚାଳନା କଲେ। ଏତେ ସବୁ ବିରୋଧାଭାସ ସତ୍ୱେ ସେ ନିର୍ବାଚନ ଜିତିଲେ କିପରି ?

ଉତ୍ତର ହେଉଛି ସେ ସାଧାରଣ ଲୋକଙ୍କ କଥା କହିଲେ। ନ୍ୟୁୟର୍କ ସହରରେ ବେରୋଜଗାର କିମ୍ବା ସ୍ୱଳ୍ପ ରୋଜଗାରୀଙ୍କ ପାଇଁ ଅତ୍ୟଧିକ ଘର ଭଡାରେ ରୋକ୍ ଲଗାଇବା ପ୍ରତିଶ୍ରୁତି ସମସ୍ତ ଧର୍ମ ଓ ମୁଲକର ଗ୍ରାଜୁଏଟଙ୍କୁ ଆକର୍ଷିତ କଲା। ସହରରେ ମାଗଣା ଯାତାୟତ ସେବାର ପ୍ରତିଶ୍ରୁତି ତାଙ୍କ ପାଇଁ ନ୍ୟୁୟର୍କର ଲକ୍ଷ ଲକ୍ଷ ଅଳ୍ପ ରୋଜଗାରୀଙ୍କ ସମର୍ଥନ ଆଣିଲା। ସବୁ ଆୟ ବର୍ଗର ଉପରେ ପ୍ରଚାର ଅଧିକ କେନ୍ଦ୍ରୀଭୂତ ଥିଲା। ସାମାଜିକ ଗଣମାଧ୍ୟମର ବୈଜ୍ଞାନିକ ପଦ୍ଧତିରେ ସେ ଅତ୍ୟନ୍ତ ପ୍ରଭାବୀ ପ୍ରୟୋଗ କରି ସବୁବର୍ଗର ଲୋକଙ୍କ ନିକଟରେ ପହଞ୍ଚିବା ସହଜ ହୋଇଥିଲା। ସତରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଓଡିଶା ଜନ୍ମିତ ଭାରତୀୟ ମୀରା ନାୟାରଙ୍କ ପୁତ୍ର ଜୋହରାନ ମାମଦାନୀଙ୍କର ନ୍ୟୁୟର୍କ ସହରର ପ୍ରଥମ ମୁସଲମାନ ଏବଂ ଦକ୍ଷିଣ ଏସୀୟ ମେୟର ଭାବେ ନିର୍ବାଚନ ଜିତିବା ଏକ ଐତିହାସିକ ଓ ଆଶ୍ଚର୍ଯ୍ୟଜନକ ଘଟଣା। ଦୃଢ ସଂକଳ୍ପ,



କର୍ମଜୀବୀ ମହିଳାଙ୍କ ଶିଶୁ ସନ୍ତାନଙ୍କ ପାଇଁ ମାଗଣା କ୍ରେଚ୍'ର ଘୋଷଣା ମହିଳାମାନଙ୍କ ସମର୍ଥନ ଲାଭ କଲା। ଅନ୍ୟ ଦେଶର ଲୋକଙ୍କୁ ଦେଶରୁ ବାହାର କରିବାର ଟ୍ରମ୍ପଙ୍କ ନୀତିକୁ ସେ ବିରୋଧ କରି ନ୍ୟୁୟର୍କ ସହରର Multi Ethnic Cultureକୁ ସୁରକ୍ଷିତ କରିବାର ପ୍ରତିଶ୍ରୁତି ଲୋକମାନଙ୍କୁ ଆକର୍ଷିତ କଲା। କଥାରେ ଛଳନା ନଥିଲା। ନିଜର ପରିଚୟ ଓ ପ୍ରତିଶ୍ରୁତି ସମ୍ପର୍କରେ ନିଃସଂକୋଚ ଓ ସ୍ପଷ୍ଟ ଘୋଷଣା ଥିଲା। ବିରୋଧୀଙ୍କ ପ୍ରସଙ୍ଗରେ ପ୍ରତିକ୍ରିୟା ଅପେକ୍ଷା ନିଜ ଯୋଜନା ମାନବୀୟ ସମ୍ବେଦନା ଓ ଯୋଜନାବଦ୍ଧ ପରିଚାଳନା ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିବା ଯେ ସମ୍ଭବ ତାହାର ସଦ୍ୟତମ ଉଦାହରଣ ଜୋହରାନ୍ ମାମଦାନୀ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍'ଙ୍କ ଭଳି ଅହଂକାରୀ ଓ ସ୍ୱେଚ୍ଛାଚାରୀ ଶାସକଙ୍କ ବିରୋଧରେ ସାଧାରଣ ଲୋକର ଆଶା ଓ ଆକାଂକ୍ଷାର ପ୍ରତୀକ ଜୋହରାନ ମାମଦାନୀ'ଙ୍କୁ ଅଭିନନ୍ଦନ।

(ମତାମତ ଲେଖକଙ୍କ ନିଜସ୍ୱ)

ମୋବାଇଲ୍ - ୯୪୩୭୨ ୭୪୫୯୨

## ରହସ୍ୟମୟ ହ୍ରଦର ରୋଚକ କାହାଣୀ

# ପାଣିକୁ ଛୁଇଁଲେ ପଥର ହେବା ସୁନିଶ୍ଚିତ



ନାଟ୍ରୋନ୍ ହ୍ରଦ

କୁହାଯାଏ ଜଳ ହିଁ ଜୀବନ, ଜଳ ବିନା ଜୀବନ ଅସମ୍ଭବ । ହେଲେ ଏହି ଜଳ କେତେକ ସ୍ଥାନରେ ଜୀବନ ଦେବା ପରିବର୍ତ୍ତେ ଜୀବନ ନେଇଯାଏ, ପାଖକୁ ଗଲେ ଯେଉଁଠି ମୃତ୍ୟୁ ସୁନିଶ୍ଚିତ ହୋଇପଡ଼େ। ବିଶ୍ୱରେ ଏପରି ଏକ ବିପଦପୂର୍ଣ୍ଣ ହ୍ରଦ ଉତ୍ତର ତାଞ୍ଜାନିଆରେ ଅଛି, ଯାହା ନାଟ୍ରୋନ୍ ହ୍ରଦ ନାମରେ ଜଣାଶୁଣା । ବିଶ୍ୱାସ କରାଯାଏ ଯେ ଯିଏ ଏହି ହ୍ରଦର ପାଣିକୁ ଛୁଇଁଥାଏ ସେ ପଥର ହୋଇଯାଏ । ଏହି ହ୍ରଦ ଚାରିପାଖରେ ବିଭିନ୍ନ ପଶୁ ଏବଂ ପକ୍ଷୀଙ୍କ ପଥର ପ୍ରତିମା ଦେଖିବାକୁ ମିଳେ । ତେବେ ଆସନ୍ତୁ ଏହି ହ୍ରଦ ବିଷୟରେ ଅଧିକ ଜାଣିବା...

ନାଟ୍ରୋନ୍ ହ୍ରଦ ଜନଶୂନ୍ୟ । ହ୍ରଦ ଚାରିପାଖରେ ପଶୁ ଏବଂ ପକ୍ଷୀଙ୍କ ପଥର ମୂର୍ତ୍ତି ପଡ଼ିଛି । ଭୌତିକ ଘଟଣା ସହ ଏସବୁ ପଛରେ ଏକ ବୈଜ୍ଞାନିକ କାରଣ ଅଛି । ନାଟ୍ରୋନ୍ ଏକ ଖାରିଆ ହ୍ରଦ, ଯେଉଁଥିରେ ସୋଡିୟମ୍ କାର୍ବୋନେଟ୍ ପରିମାଣ ଅଧିକ । କ୍ଷାରୀୟ ଏବଂ ଆମୋନିଆ ସ୍ତର ସମାନ । ଏହା ମିଶରୀୟମାନେ ମମି ସଂରକ୍ଷଣ ପାଇଁ ବ୍ୟବହାର କରୁଥିବା ପରି । ଏହି କାରଣରୁ ପକ୍ଷୀଙ୍କ ଶରୀର ବର୍ଷ ବର୍ଷ ଧରି ସଂରକ୍ଷିତ ହୋଇ ରହିଥାଏ ।

ବଡ଼କଥା ହେଉଛି ନାଟ୍ରୋନ ହ୍ରଦ ବାଦ୍ ଆଫ୍ରିକୀୟ ଦେଶ କଙ୍ଗୋର କିଭୁ ହ୍ରଦ ବିଶ୍ୱର ସବୁଠାରୁ ବିପଜ୍ଜନକ ହ୍ରଦ ମଧ୍ୟରୁ ଗୋଟିଏ। ଏହାକୁ 'ବିସ୍ଫୋରକ ହ୍ରଦ' ମଧ୍ୟ କୁହାଯାଏ। ଏହାର ଜଳରେ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ ରହିଛି । କୁହାଯାଏ ଯେ ଏହି ହ୍ରଦ ନିକଟରେ ଏକ ଛୋଟ ଭୂମିକମ୍ପ ମଧ୍ୟ ଏକ ବଡ଼ ବିସ୍ଫୋରଣ ସୃଷ୍ଟି କରିବାର କ୍ଷମତା ରଖିଛି।



ମିଚିଗାନ୍ ହ୍ରଦ


ଆମେରିକାର ସବୁଠାରୁ ବଡ଼ ହ୍ରଦ ମଧ୍ୟରୁ ଗୋଟିଏ ହେଉଛି ମିଚିଗାନ ହ୍ରଦ । ଏହା ଦେଖିବାକୁ ଯେତିକି ସୁନ୍ଦର, ସେତିକି ମଧ୍ୟ ଭୟଙ୍କର । କୁହାଯାଏ ଯେ ଥରେ ଏକ ମାରାତ୍ମକ ଗ୍ୟାସ ଏହି ହ୍ରଦକୁ ଘେରି ଯାଇଥିଲା, ଯାହା ଦ୍ୱାରା ସବୁ ଜୀବନ୍ତଜନ୍ତୁଙ୍କ ଜୀବନ ଯାଇଥିଲା । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ହ୍ରଦ ତଳେ ଏକ ଜ୍ୱାଳାମୁଖୀ ହୁଏତ ପାଣିରେ କାର୍ବନ ଡାଇଅକ୍ସାଇଡ୍ ଛାଡ଼ି ଥାଇପାରେ, ଯାହା ଫଳରେ ଗ୍ୟାସ ସ୍ତର ବୃଦ୍ଧି ପାଇ ଏହାକୁ ମେଘରେ ପରିଣତ କରିଦେଇଥିଲା ।

## ବିହାର ନିର୍ବାଚନ

# ଦ୍ୱିତୀୟ ଦଫାରେ ୧୨୨ ସିଟ

**ପାଟନା (ଭିଓଭି) :** ବିହାରରେ ପ୍ରଥମ ଦଫା ଭୋଟ୍ ସରିଛି, ଆଉ ଦିନକ ପରେ ପଡ଼ିବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ । ତେବେ ଭୋଟ୍ ପଡ଼ିବାକୁ ଥିବା ଏହି ୧୨୨ ସିଟର ରାଜନୀତି କିନ୍ତୁ ବେଶ ରୋଚକ । ୨୦୨୦ରେ ଏହି କ୍ଷେତ୍ରରେ ଏନଡିଏ ଏବଂ ମହାମେଣ୍ଟ ଭିତରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା । ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ଏବଂ ମହାମେଣ୍ଟ ଭିତରେ ଏଠି ଭୋଟ୍ ବ୍ୟବଧାନ ମାତ୍ର ୧.୬ ପ୍ରତିଶତ ରହିଥିଲେ ବି, ସିଟ୍ ଗଣତିରେ ଏଠାରେ ବାଜି ମାରିନେଇଥିଲା ଏନଡିଏ । ତେଣୁ ଏଥର ଏଠାକାର ନିର୍ବାଚନରେ କିଏ ବାଜି ମାରୁଛି ତାହା ଉପରେ ଏବେ ସମସ୍ତଙ୍କର ନଜର। ୨୦୨୦ ମସିହାରେ ଏହି ଅଞ୍ଚଳର ୧୨୨ଟି ସିଟରୁ ୬୬ଟିରେ ଏନଡିଏ ଏବଂ ୪୯ ସିଟରେ ମହାମେଣ୍ଟ ବାଜି ମାରିଥିଲେ। ତେବେ ଭୋଟ୍ ସେୟାର ଦେଖିଲେ କିନ୍ତୁ ଦୁଇ ମେଣ୍ଟ ଭିତରେ ସେତେଟା ଫରକ ଦେଖିବାକୁ ମିଳିନଥିଲା । ୨୦୨୦ରେ ଏନଡିଏକୁ ୩୮.୦୭ ପ୍ରତିଶତ ଭୋଟ୍ ଆଉ ମହାମେଣ୍ଟକୁ ମିଳିଥିଲା ୩୬.୪୩ ପ୍ରତିଶତ ଭୋଟ୍ । ବିହାରର ଅଙ୍ଗ ପ୍ରଦେଶ, ମିଥିଳାଞ୍ଚଳ ଆଉ ତିରହୁତରେ ବିଜେପିର ଭୋଟ୍ ପ୍ରତିଶତ ଅଧିକ ରହିଥିଲା । ହେଲେ ମଗଧ ଆଉ ସୀମାଞ୍ଚଳରେ କିନ୍ତୁ ଆରଜେଡିର ପ୍ରଭାବ ବେଶି ରହିଥିଲା । ମଗଧର ୨୬ଟି ସିଟରେ ଆରଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ୪୦ ପ୍ରତିଶତରୁ ଅଧିକ ଭୋଟ୍ ମିଳିଥିଲା । ସେହିପରି ସୀମାଞ୍ଚଳରେ ଉଭୟ ଆରଜେଡି ଆଉ ଏଆଇଏମଆଇଏମର ପ୍ରଭାବ ଦେଖିବାକୁ ମିଳିଥିଲା । ଏଆଇଏମଆଇଏମକୁ ଗତଥର ଏହି ଅଞ୍ଚଳରୁ ୧୦.୮୧ ପ୍ରତିଶତ ଭୋଟ୍ ମିଳିଥିଲା । ଯାହାକି ଏହି ଲଢ଼େଇକୁ ତ୍ରିକୋଣୀୟ କରିଥିଲା।

ବିହାରର ସୀମାଞ୍ଚଳ କ୍ଷେତ୍ରରେ (କିଶନଗଞ୍ଜ, କଟିହାର, ପୂର୍ଣ୍ଣିଆ, ଅରୋରିୟା ପାଖ ଜିଲ୍ଲା)ରେ ବିହାର ବିଧାନସଭାର ୨୪ଟି ସିଟ୍ ଆସୁଛି । ଏହି ଅଞ୍ଚଳରେ ଏଆଇଏମଆଇଏମର ପ୍ରଭାବ ବେଶ ଅଧିକ ରହିଥିବା ଚର୍ଚ୍ଚା ହୁଏ । ୨୦୨୦ରେ ଓୱୈସୀଙ୍କ ଦଳ ଏହି ଅଞ୍ଚଳରୁ ୫ଟି ସିଟ୍ ଜିତି ସମସ୍ତଙ୍କ ରାଜନୈତିକ ଗଣିତକୁ ଓଲଟାଇ ଦେଇଥିଲେ । ଅଧିକାଂଶ ମୁସଲିମ୍ ସମ୍ପ୍ରଦାୟର ଭୋଟ୍ ଏଆଇଏମଆଇଏମ୍ ସପକ୍ଷରେ ଯାଇଥିଲା । ଏଥର କିନ୍ତୁ ଏଆଇଏମଆଇଏମ୍ ବିହାର ନିର୍ବାଚନର ମୈଦାନରେ ରହିଛି । ଯାହାର ସିଧା ପ୍ରଭାବ ଆରଜେଡି ଉପରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି । ଯଦି ଓୱୈସୀଙ୍କ ଦଳ ଏହି ଅଞ୍ଚଳରେ ଭୋଟ୍ ଅଙ୍କ ବିଗାଡ଼ିବାରେ ସଫଳ ହୁଏ, ତେବେ ଏହାର ସିଧା ଲାଭ ଯିବ ଏନଡିଏ ପାଖକୁ । ଏନଡିଏ ସୀମାଞ୍ଚଳ କ୍ଷେତ୍ରରେ ହିଁ ସବୁଠୁ ଅଧିକ ଦୁର୍ବଳ ରହିଛି । ତେଣୁ ଯଦି ଏଆଇଏମଆଇଏମ୍ ସୀମାଞ୍ଚଳ କ୍ଷେତ୍ରରେ ଅଧିକ ଭୋଟ୍ କୁଟାଏ, ତେବେ ଏହାର ସିଧା ଲାଭ ବିଜେପି ପାଇବ ।



ବିହାରର ମଗଧ ଅଞ୍ଚଳରେ ଗତଥର ଆରଜେଡି ଭଲ ପ୍ରଦର୍ଶନ କରିଥିଲା । ଏଠାକାର ଜାତି ସମୀକରଣ – ଯାଦବ, ମୁସଲିମ୍ ଏବଂ ଦଳିତ ଭୋଟର ଆରଜେଡି ସପକ୍ଷରେ ଭୋଟ୍ ଦେଇଥିଲେ । ସେହିପରି ମିଥିଳାଞ୍ଚଳ ଏବଂ ତିରୁହତରେ ଏନଡିଏ ସପକ୍ଷରେ ପଡ଼ିଥିଲା ଅଧିକ ଭୋଟ୍ । ମିଥିଳାଞ୍ଚଳରେ ଏନଡିଏକୁ ୪୪ ପ୍ରତିଶତରୁ ଅଧିକ ଭୋଟ୍ ଏବଂ ଆରଜେଡିକୁ ୩୫ ପ୍ରତିଶତରୁ ଅଧିକ ଭୋଟ୍ ମିଳିଥିଲା । ତେଣୁ ଏଥର ଏହି ଅଞ୍ଚଳରେ ଦୁଇ ମେଣ୍ଟ କିଭଳି ପ୍ରଦର୍ଶନ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କର ନଜର । ଗତଥର ନିର୍ବାଚନ ତଥ୍ୟ ଅନୁସାରେ, ଏଲଜେପି ମଗଧ ଏବଂ ଭୋଜପୁର ଅଞ୍ଚଳରେ ଏଥର ପ୍ରଭାବ ପକାଇପାରେ । ଗତଥର ଏହି ଅଞ୍ଚଳରୁ ଏଲଜେପିକୁ ୫-୬ ପ୍ରତିଶତ ଭୋଟ୍ ମିଳିଥିଲା । ଏମିତି କି କିଛି ସିଟରେ ଏହି କିଛି ଦଳ ପାଇଁ ପରାଜୟର କାରଣ ମଧ୍ୟ ସାଜିଥିଲା । ହେଲେ ଏଥର କିନ୍ତୁ ବିଜେପି ଏବଂ ଏଲଜେପି ଭିତରେ ତାଳମେଳ ଠିକ୍ ଥିବା କାରଣରୁ ଏହାର ଲାଭ ବିଜେପିକୁ ମିଳିବ ବୋଲି ଚର୍ଚ୍ଚା ହେଉଛି । ଆସନ୍ତା ୧୧ ତାରିଖରେ ବିହାରର ଏହି ଅଞ୍ଚଳରେ ପଡ଼ିବାକୁ ଯାଉଛି ଭୋଟ୍ । ଯାହାକି ସରକାର ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ହେଲେ ଏହି ୧୨୨ ସିଟ୍ ଭିତରୁ କେଉଁ ମେଣ୍ଟକୁ କେତେ ସିଟ୍ ଯାଉଛି, ତାହା ତ ନଭେମ୍ବର ୧୪ରେ ଜଣାପଡ଼ିବ । ହେଲେ ଏବେଠୁ କିନ୍ତୁ ଏହି କ୍ଷେତ୍ରର ରାଜନୈତିକ ପାଣିପାଗକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତାଗିଦ୍
# ସୋସିଆଲ ମିଡିଆରେ ଭୁଲ ପ୍ରଚାର କରନ୍ତୁ ନାହିଁ

**ଭୁବନେଶ୍ୱର (ଭିଓଭି) :** ସୋସିଆଲ ମିଡିଆରେ ନିର୍ବାଚନ ସମ୍ପର୍କିତ ଭ୍ରାନ୍ତିପୂର୍ଣ୍ଣ ସୂଚନା କିମ୍ବା ଫଟୋର ପ୍ରଚାର ପ୍ରସାର କରନ୍ତୁ ନାହିଁ । ଏନେଇ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଏକ ଜାତୀୟ ଦଳର ଜଣେ ବିଶିଷ୍ଟ ନେତା ଏବଂ ସେହି ଦଳର ଜଣେ ନିର୍ବାଚିତ ବିଧାୟକଙ୍କ ସମ୍ପର୍କରେ ଏକ ବିଭ୍ରାନ୍ତିକର ଫଟୋ ଏ.ଆଇ. ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଦୃଷ୍ଟିଗୋଚର ହୋଇଛି । ସୋସିଆଲ ମିଡିଆର ଏକ ପ୍ଲାଟଫର୍ମରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହି ଫଟୋ ପୋଷ୍ଟ କରାଯାଇଥିବା ଚିହ୍ନଟ ହୋଇଛି । ଏହି ପୋଷ୍ଟକୁ ଯାଞ୍ଚ ପରେ ଏହା ମିଥ୍ୟା ଏବଂ ଭ୍ରାନ୍ତିକର ବୋଲି ଜଣାପଡ଼ିଛି । ଏଭଳି ବିଭ୍ରାନ୍ତିକର ସୂଚନାର ପ୍ରଚାର ପ୍ରସାର ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ତେଣୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ ଏଭଳି ବିଭ୍ରାନ୍ତିକର ସୂଚନା ଅନ୍ୟମାନଙ୍କୁ ପଠାଇବାରୁ ନିବୃତ୍ତ ରୁହନ୍ତୁ, କାରଣ ଏପରି କରିଥିବା ବ୍ୟକ୍ତିଙ୍କ ପାଇଁ ଗମ୍ଭୀର ପରିଣାମ ସୃଷ୍ଟି ହୋଇପାରେ । ନୂଆପଡ଼ା ବିଧାନସଭା ଉପନିର୍ବାଚନର ମତଦାନ ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବ । ତେଣୁ ନିର୍ବାଚନ ସମ୍ପର୍କୀୟ କୌଣସି ସୂଚନା ଅନ୍ୟ କାହାକୁ ପଠାଇବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁରୋଧ । ଦୟାକରି ସୋସିଆଲ ମିଡିଆକୁ ସତର୍କତାର ସହିତ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ । ଭ୍ରାନ୍ତିକର ସୂଚନା ଓ ଫୋଟୋର ପ୍ରଚାର ପ୍ରସାରରୁ ନିବୃତ୍ତ ରହିବାକୁ ପୁନଶ୍ଚ ଅନୁରୋଧ କରାଯାଉଛି । ଯାହାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ପ୍ରଶାସନକୁ କୁହାଯାଇଛି। ମତଦାନର ୪୮ ଘଣ୍ଟା ପୂର୍ବର ଅବଧି ଅର୍ଥାତ ନୀରବ ଅବଧି, କୌଣସି ରାଜନୈତିକ ପ୍ରଲୋଭନ କିମ୍ବା ପ୍ରଚାର ଦ୍ୱାରା ପ୍ରଭାବିତ ନ ହୋଇ, ଭୋଟରମାନଙ୍କୁ ସେମାନଙ୍କ ମତଦାନର ନିରପେକ୍ଷ ନିଷ୍ପତ୍ତି ନିର୍ଣ୍ଣୟ କରିବା ପାଇଁ ଯୋଗାଇ ଦିଆଯାଇଥାଏ । ନୀରବ ଅବଧି ପୂର୍ବରୁ, ସମସ୍ତ ପ୍ରକାରର ପ୍ରଚାର କାର୍ଯ୍ୟ ସରିବ । ସମସ୍ତ ରାଜନୈତିକ ବ୍ୟକ୍ତିବିଶେଷ ଏବଂ କାର୍ଯ୍ୟକର୍ତ୍ତା, ଯେଉଁମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ବାହାରୁ ଅଣାଯାଇଥାଏ, ପ୍ରଚାର ଅବଧି ଶେଷ ହେବା ପରେ ସେମାନେ ସେହି ନିର୍ବାଚନ ମଣ୍ଡଳୀରେ ଆଉ ରହି ପାରିବେ ନାହିଁ ।






# ବାଲିଯାତ୍ରାରେ ଅସମ୍ଭାଳ ଭିଡ଼

**କଟକ (ଭିଓଭି) :** ବାଲିଯାତ୍ରାର ବଢୁଛି ଭିଡ଼ । ରବିବାର ପଞ୍ଚମ ସଂଧ୍ୟାରେ ହଠାତ୍ ଲୋକମାନଙ୍କ ଭିଡ ବଢ଼ି ଯାଇଥିବା ଦେଖିବାକୁ ମିଳିଥିଲା । ହଜାର ହଜାର ଲୋକ ବାଲିଯାତ୍ରା ବୁଲିବା ପାଇଁ ଆସିଛନ୍ତି । ବାଲିଯାତ୍ରା ବୁଲିବା ସହିତ ବିଭିନ୍ନ ଖାଇବା ଖାଉଛନ୍ତି । ଏହା ସହିତ ଦୋଳି ଖେଳ ପାଖରୁ ଆରମ୍ଭ କରି ଜଳପରୀ ସବୁର ମଜା ନେଉଛନ୍ତି ଲୋକମାନେ । ଲୋକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆଜି ରବିବାର ଥିବାରୁ ଆହୁରି ଭିଡକୁ ଦେଖି ସୁରକ୍ଷା ବନ୍ଦୋବସ୍ତ ଉପରେ କଡ଼ା ନଜର ରଖାଯାଇଛି । ଐତିହାସିକ କଟକ ବାଲିଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ସାମିଲ ହୋଇଥିଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ । ଉଦଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ବାଲିଯାତ୍ରା ଓଡିଆ ଜାତିର ସାହସ, ଦୃଢସଙ୍କଳ୍ପ ଓ ସାମୁଦ୍ରିକ ବାଣିଜ୍ୟ ସଂସ୍କୃତିର ଜୀବନ୍ତ ସ୍ମୃତି । ବାଲିଯାତ୍ରା ଆୟୋଜନ ପାଇଁ ସରକାରୀ ଅନୁଦାନକୁ ୨ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ କଟକ ସହରକୁ ତାରକସି ହବ୍‌ରେ ପରିଣତ କରାଯିବ, ମହାନଦୀ ରିଭର ଫ୍ରଣ୍ଟ ଯୋଜନାରେ କଟକ ମହାନଦୀ ତଟର ସୌନ୍ଦର୍ଯ୍ୟକରଣ ପାଇଁ ୨୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ସଭା ପରେ ବାଲିଯାତ୍ରା ସ୍ଥଳ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ବର୍ଷର ବାଲିଯାତ୍ରା ବହୁତ ଆକର୍ଷଣୀୟ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ସ୍ମରଣିକା ଉନ୍ମୋଚନ କରିବା ସହିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତଙ୍କୁ କଟକ ତାରକସି କାମର ଏକ ବୋଇତ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହାନଦୀ ପଠାରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ସର୍ବବୃହତ ବାଣିଜ୍ୟିକ ମହାକୁମ୍ଭ । କିଣା ବିକା ସହ ଖାଇବା ପିଇବାର ପସରା ମେଳିଛି ନଦୀ ପଠାରେ। ପ୍ରତିଦିନ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ହେଉଛି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରଥମ ଦିନରୁ ବାଲିଯାତ୍ରାରେ ଭିଡ ପରିଲକ୍ଷିତ ହୋଇଛି ।

# ବାଲିଯାତ୍ରାରେ ଠୁଙ୍କାପୁରୀର ମଜା ନିଆରା

**କଟକ (ଭିଓଭି) :** ଠୁଙ୍କାପୁରୀ ଦେଖିବାକୁ ଯେମିତି ସୁନ୍ଦର, ଖାଇବାକୁ ମଧ୍ୟ ସେମିତି ସୁଆଦିଆ । ଯାହାର ନାଁ ଶୁଣିଲେ ପାଟିରୁ ଲାଳ ଗଡ଼େ । ବାଲିଯାତ୍ରାକୁ ବୁଲିବାକୁ ଆସିବେ ଆଉ ଠୁଙ୍କାପୁରୀ ଖାଇବେନି, ଏମିତି ତ କେବେ ସମ୍ଭବ ନୁହେଁ । ହାତରେ ବୁଲାଇ ଦେଇ ଆକାଶରେ ଉଡ଼େଇ ତେଲ କଡ଼େଇରେ ପକାଇ ଦିଅନ୍ତି । ଆଉ କେଇ ମିନିଟରେ ପ୍ରସ୍ତୁତ ହୋଇଯାଏ ଠୁଙ୍କାପୁରୀ । କଟକରେ ବାଲିଯାତ୍ରା ସମୟରେ ଠୁଙ୍କାପୁରୀ ଓ ଛେନା ତରକାରି ମିଳିଥାଏ, ଯାହା ସମସ୍ତଙ୍କ ପ୍ରିୟ । ଠୁଙ୍କାପୁରୀକୁ ଛେନା ତରକାରୀ ଶୁଣିଲେ ପାଟି ଓଦା ହେଇ ଯାଉଛି ଆଉ ମନେ ପଡୁଛି ବାଲିଯାତ୍ରା କଥା...ହଁ ଆଜ୍ଞା ବାଲିଯାତ୍ରା ତାହା ପୁଣି କଟକର ଐତିହାସିକ ବାଲିଯାତ୍ରା... ବାଲିଯାତ୍ରା ଆସିବେ ମାନେ ଆପଣଙ୍କୁ ଜଣେ କେହି ଡାକିବେ ଆସନ୍ତୁ କି ସ୍ୱାଦିଷ୍ଟ, କି ଚେଷ୍ଟି କି ମଧୁର ଖାଦ୍ୟ ଖାଇବା...ଆପଣ ଯେତେବେଳେ ପହଞ୍ଚିବେ ଦେଖିବେ ଗରମା ଗରମ ଠୁଙ୍କାପୁରୀକୁ ଛେନା ଆଉ କୋବି ତରକାରୀ। ବାଲିଯାତ୍ରା ଯାଉଛନ୍ତି ମାନେ ଆପଣଙ୍କ ମେନୁରେ ଠୁଙ୍କା ପୁରୀ ପ୍ରଥମ। ଯେମିତି ତାରକସି ବିନା କଟକ ଅଧୁରା, ସେମିତି ଠୁଙ୍କାପୁରୀ ବିନା ବାଲିଯାତ୍ରା ଅଧୁରା । ପ୍ରତି ବର୍ଷ ବାଲିଯାତ୍ରା ଆସେ ଆଉ ଠୁଙ୍କା ପୁରୀ ସ୍ଥଳ ପଡ଼ିଥାଏ । ବାଲିଯାତ୍ରା ପରେ ଠୁଙ୍କା ପୁରୀ ଖାଇବାର ମଜା ମିଳିନଥାଏ । ଆଉ ପୁଣି ଅପେକ୍ଷା କରିବାକୁ ପଡ଼ିଥାଏ ବାଲିଯାତ୍ରାକୁ। ବାଲିଯାତ୍ରା ଭିଡ଼ ଭିତରେ ଠୁଙ୍କା ପୁରୀରର ଡାକ ଶୁଣି ଛୁଟି ଆସନ୍ତି ଗ୍ରାହକ । ଆଉ ଗୋଲ ଗୋଲ ଠୁଙ୍କାପୁରୀ ପେଟେ ଠୁଙ୍କି ଦିଅନ୍ତି । ମନ ଶାନ୍ତି ହୋଇଯାଏ, ଲାଗେ ସତେ ଯେମିତି ବାଲିଯାତ୍ରା ବୁଲାଟା ପୂରା ହୋଇଗଲା ।

ଚଳିତ ବର୍ଷ ବାଲିଯାତ୍ରାରେ ଲୋକମାନଙ୍କ ଭିଡ ବଢ଼ି ଯାଇଥିବା ଦେଖିବାକୁ ମିଳିଛି । ହଜାର ହଜାର ଲୋକ ବାଲିଯାତ୍ରା ବୁଲିବା ପାଇଁ ଆସୁଛନ୍ତି । ବାଲିଯାତ୍ରା ବୁଲିବା ସହିତ ବିଭିନ୍ନ ଖାଇବା ଖାଉଛନ୍ତି। ଏହା ସହିତ ଦୋଳି ଖେଳ ପାଖରୁ ଆରମ୍ଭ କରି ଜଳପରୀ ସବୁର ମଜା ନେଉଛନ୍ତି ଲୋକମାନେ । ଲୋକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

# ସରଣ୍ଡା ଜଙ୍ଗଲରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ

**ଭୁବନେଶ୍ୱର (ଭିଓଭି) :** ବିପୁଳ ପରିମାଣର ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ କରିବା ସହ ସୁରକ୍ଷା ବାହିନୀଙ୍କୁ ବଡ ସଫଳତା ମିଳିଛି । ଓଡିଶା ରାଜ୍ୟ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲ୍ଲାର ଘନ ସରଣ୍ଡା ଜଙ୍ଗଲ ଅଞ୍ଚଳରେ ଝାଡ଼ଖଣ୍ଡ ପୁଲିସ ଏବଂ ସିଆରପିଏଫ୍‌ର ୨୦୯ କୋବ୍ରା ବାଟାଲିୟନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏହି ଅପରେସନ ଜରାଇକେଲା ପୁଲିସ ଷ୍ଟେସନ ଅଧୀନସ୍ଥ କୁଲାପୁ ବୁରୁରେ ହୋଇଥିଲା । ଯେଉଁଠାରେ ସୁରକ୍ଷା ବାହିନୀ ଗୁଇନ୍ଦା ସୂଚନା ଆଧାରରେ ଏକ ସୁଚିନ୍ତିତ ଯୋଜନାବଦ୍ଧ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଥିଲେ । ପ୍ରବଳ ଗୁଳି ବିନିମୟ ଚାଲିଥିବା ବେଳେ ନକ୍ସଲବାଦୀମାନେ ଜଙ୍ଗଲ ଭିତରକୁ ଖସିଯିବାରେ ସଫଳ ହୋଇଥିଲେ । ଏନକାଉଣ୍ଟର ପରେ ସର୍ଚ୍ଚ ଅପରେସନ କରାଯାଇଥିଲା । ଯାହା ଫଳରେ ମାଓ ସାମଗ୍ରୀ ସହିତ ଏକ ବଡ଼ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ବିସ୍ଫୋରକ ଜବତ କରାଯାଇଥିଲା । ସୂଚନା ମୁତାବକ ସୁରକ୍ଷା ବାହିନୀକୁ ଦେଖି ମାଓବାଦୀମାନେ ହଠାତ୍ ଗୁଳି ଚଳାଇ ଥିଲେ । ଏହାର ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା । କିଛି ସମୟ ଧରି ଗୁଳିବିନିମୟ ଜାରି ରହିଥିଲା ଏବଂ ଏଥିରେ କେତେକ ମାଓବାଦୀ ଆହତ ହୋଇଥାଇ ପାରନ୍ତି ବୋଲି ପୁଲିସ କହିଛି । ସୁରକ୍ଷା ବାହିନୀରେ ପାଲଟା କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀମାନେ ଘଞ୍ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରୁ ଖସି ପଳାଇଥିବା ଜଣାପଡ଼ିଛି । ଏନକାଉଣ୍ଟର ସ୍ଥଳରୁ ପୁଲିସ ଦୁଇଟି ଏସ୍‌ଏଲ୍‌ଆର ରାଇଫଲ୍ ଏବଂ ଗୋଟିଏ .୩୦୩ ରାଇଫଲ୍ ଜବତ କରିଛି । ପରେ ଜଣେ ମାଓବାଦୀ ନିହତ ହୋଇଥିବା କହାଯାଉଥିବାବେଳେ ସେନେଇ ସ୍ପଷ୍ଟ ହୋଇନାହିଁ । ଏନକାଉଣ୍ଟର ନିଶ୍ଚିତ ଏବଂ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଥିବାବେଳେ ଅଞ୍ଚଳକୁ ସମ୍ପୂର୍ଣ୍ଣ ଘେରାବନ୍ଦୀ କରାଯାଇଥିବା ଡିଆଇଜି କହିଛନ୍ତି । ଅନ୍ୟପଟେ ସୀମାନ୍ତ ଛତିଶଗଡ଼ରେ ନକ୍ସଲଙ୍କ ଆତ୍ମସମର୍ପଣ ପ୍ରକ୍ରିୟା ଜାରି ରହିଛି । ଜଣକ ପରେ ଜଣେ ଏହି ମୁଖ୍ୟସ୍ରୋତରେ ସାମିଲ ପାଇଁ ଜଂଗଲରୁ ସହର ମୁହାଁ ହେଉଛନ୍ତି । ଉଦନ୍ତି ଏରିଆ କମିଟିର ମୁଖ୍ୟ ସୁନିଲର ନେତୃତ୍ୱରେ ୭ ଜଣ ନକ୍ସଲ ହତିଆର ସହ ଗରିଆବନ୍ଦ ପୁଲିସ ନିକଟରେ ପହଞ୍ଚିଛନ୍ତି । ଜଣେ ସାମ୍ବାଦିକଙ୍କ ସହଯୋଗରେ ଏହି ନକ୍ସଲମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଆସୁଛନ୍ତି ।

ଜଂଗଲ ଭିତରୁ ଚାଲି ଚାଲି ଆସି ଏମାନେ ଗରିଆବନ୍ଦ ଜିଲ୍ଲା ପୁଲିସ ନିକଟରେ ପହଞ୍ଚିବେ । ଏମାନଙ୍କ ମଧ୍ୟରେ ୩ ଜଣ ମହିଳା ନକ୍ସଲ ରହିଛନ୍ତି । ଉଦନ୍ତି ଏରିଆ କମିଟିର ମୁଖ୍ୟ ସୁନୀଲ ଗତ ଶାନ୍ତିବାର୍ତ୍ତାକୁ ନେଇ ନିଜ ମତ ରଖିଥିଲେ । ସେ ଏହି ଶାନ୍ତିବାର୍ତ୍ତାରେ ରାଜି ଥିବା କହିଥିଲେ । ସଂଗଠନର ସିସି ମେମ୍ବରମାନେ ସଂଗଠନ ଛାଡୁଥିବାରୁ ତାଂକୁ ଆମେ ଅନୁକରଣ କରୁଥିବା କହିଛନ୍ତି । ଏଭଳି ଯଦି ଲଗାତାର ନକ୍ସଲ ସଂଗଠନ ଛାଡିବେ ଆଉ ବେଶି ଦିନ ନୁହେଁ ସଂଗଠନ ସଂପୂର୍ଣ୍ଣ



ମୂଳପୋଛ ହେବ । କେନ୍ଦ୍ର ସରକାର ଦେଇଥିବା ଟାର୍ଗେଟକୁ ଅତି ସହଜରେ ପୁଲିସ ହାସଲ କରିବ ବୋଲି ମଧ୍ୟ କହିଛି । ଗଡଚିରୋଲି ଏବଂ ବସ୍ତରରେ ଲଗାତାର ୪୦୦ରୁ ଊର୍ଦ୍ଧ୍ୱ ନକ୍ସଲ ଆତ୍ମସମର୍ପଣ ପରେ ସଂଗଠନ ସଂପୂର୍ଣ୍ଣ ଦୁର୍ବଳ ହେବାକୁ ଲାଗିଛି । ଏତେ ସଂଖ୍ୟକ ନକ୍ସଲଙ୍କ ଆତ୍ମସମର୍ପଣ ସମସ୍ତଙ୍କୁ ଚକିତ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରେରଣା ଦେଇଛି । ଜଂଗଲରୁ ଆସୁଥିବା ୭ ଜଣ ନକ୍ସଲ ନିଜ ହାତରେ ଇନସାସ ଓ ଏସଏଲଆର ଭଳି ଅତ୍ୟାଧୁନିକ ବନ୍ଧୁକ ନେଇ ଆସୁଥିବା ଜଣାପଡିଛି । ଅନ୍ୟଦିଗରେ ତେଲେଙ୍ଗାନା ଏରିଆ କମିଟି ମଧ୍ୟ ଶାନ୍ତିବାର୍ତ୍ତାକୁ ନେଇ ପ୍ରେସ ବିଜ୍ଞପ୍ତିରେ ରାଜିନାମା ଦେଇଛି । କିନ୍ତୁ ଗତକାଲି ପୂର୍ବ ଆଞ୍ଚଳିକ ବ୍ୟୁରୋ ତରଫରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରେ ଆତ୍ମସମର୍ପଣ ନକ୍ସଲଙ୍କୁ କାପୁରୁଷ କହିବା ସହ ଲଢେଇ ଜାରି ରହିବ ବୋଲି କୁହାଯାଇଛି । ତେବେ ଏଭଳି ଦୁଇ ଗୋଷ୍ଠୀ ହେବା ଏବଂ ସଂଗଠନରେ କିଏ କାହାକୁ ନମାନିବା ଅନ୍ୟ ନକ୍ସଲଙ୍କୁ ଆତ୍ମସମର୍ପଣ କରିବା ପାଇଁ ମଧ୍ୟ ବାଧ୍ୟ କରୁଥିବା ପୁଲିସ କହିଛି । ଆଗକୁ ଆହୁରି ଅନେକ ନକ୍ସଲ ଆତ୍ମସମର୍ପଣ କରିବେ ବୋଲି କୁହାଯାଇଛି ।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କେନ୍ଦୁଝର (ଭିଓଭି) :** ଫେଲ ମାରିଛି କେନ୍ଦୁଝର ପୌରପାଳିକାର ଓ୍ୱେଷ୍ଟ ମ୍ୟାନେଜମେଣ୍ଟ କାର୍ଯକ୍ରମ । କେନ୍ଦୁଝର ସହରର ମୁଖ୍ୟସ୍ଥାନରେ ଜମିରହୁଛି ସହରର କୁଢ଼କୁଢ଼ ଅଳିଆ । ତାହାପୁଣି ସହରର ପେଣ୍ଠସ୍ଥଳ ସିଦ୍ଧମଠ ବାଇପାସ ନିକଟ ଜାତିୟ ରାଜପଥ କଡ଼ରେ । ୨୦ ନଂ ଜାତୀୟ ରାଜପଥ କଡ଼ରେ କୁଢ଼ କୁଢ଼ ଅଳିଆ ଆବର୍ଜନା । ମଇଳା ସାଙ୍ଗକୁ ପଲିଥିନର ପାହାଡ଼ ପରିବେଶକୁ ନଷ୍ଟ କରୁଛି । ଏପଟେ ଯାଉଥିବା ପ୍ରତ୍ୟେକଟି ମଣିଷକୁ ଏ ଦୃଶ୍ୟ ବ୍ୟଥିତ କରୁଛି । ହେଲେ ପୌରପାଳିକା ନଜରରେ



ଏହା ପଡୁନଥିବା ଭଳି ମନେ ହେଉଛି । ଏହି ଅଳିଆ ଗଦାରେ ପଲ ପଲ ଗାଈ ଗୋରୁ ଚରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଗାଈଗୋରୁଙ୍କ ଜୀବନ ଯାଉଥିବା ଅଭିଯୋଗ ଆସୁଛି । ହେଲେ ପ୍ରଶାସନର ନିଦ ଭାଙ୍ଗୁନି । ଏହି ରାସ୍ତା ଦେଇ ମାତ୍ର ଶହେ ମିଟର ଦୂରତାରେ ରହିଛି କେନ୍ଦୁଝର ପ୍ରସିଦ୍ଧ ଧର୍ମପୀଠ ସିଦ୍ଧ ମଠ । ନିକଟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ବି ରହିଛି । ଏହି ରାସ୍ତା ଦେଇ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକ ସାନଘାଗରା, ବଡ଼ଘାଗରା ବୁଲି ଆସିଥାନ୍ତି । ହେଲେ ଏସବୁ ଦେଖି ଲାଗୁଛି ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛି ଏହି ଅଳିଆ ଗଦା । ଅନ୍ୟପଟେ କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ କହିଛନ୍ତି, ଖୁବଶୀଘ୍ର ଆବର୍ଜନା ପରିଚାଳନା କରାଯାଇ ଅଳିଆରୁ ଖତ ପ୍ରସ୍ତୁତ କରାଯିବାର କାର୍ଯ୍ୟକ୍ରମ କରାଯିବ । ସହରରୁ ବାହାରୁଥିବା ଅଳିଆ କିପରି ପରିବେଶକୁ ନଷ୍ଟ ନକରିବ ଏଥିପାଇଁ ଆବର୍ଜନା ପରିଚାଳନା ପାଇଁ ବର୍ଷ ବର୍ଷ ଧରି ପ୍ରଶାସନିକ ସ୍ତରରେ ବୈଠକ ପରେ ବୈଠକ ବସୁଛି । ଯାହା ପ୍ରହସନ ପରି ମନେ ହଉଛି ।

## ଦାରିଙ୍ଗବାଡ଼ିରେ ୧୫ ଡିଗ୍ରୀ ତଳେ ପାରଦ

**କନ୍ଧମାଳ (ଭିଓଭି) :** ବିଳମ୍ବ ହେଲେ ବି କନ୍ଧମାଳକୁ ଛୁଇଁଛି ପହିଲି ଶୀତ । କୁହୁଡ଼ିର ଶୀତୁଆ ସକାଳରେ ମଜା ନେଉଛନ୍ତି ସଭିଏଁ । ପ୍ରାତଃ ଭ୍ରମଣ କରିବା ସହ ପଡ଼ିଆରେ ଦେଖିବାକୁ ମିଳୁଛି ଭିଡ଼ । କନ୍ଧମାଳ ଜିଲାରେ ଆସିଛି ପହିଲି ଶୀତ । ଗତ ଦୁଇଦିନ ହେଲା ଫୁଲବାଣୀ ସହରରେ ସକାଳୁ ଘନ କୁହୁଡ଼ି ସାଙ୍ଗକୁ ହାଲୁକା ଥଣ୍ଡା ପଡୁଛି । ସହରବାସୀ ସକାଳୁ ସକାଳୁ ପ୍ରାତଃ ଭ୍ରମଣ କରିବାକୁ ଆସୁଛନ୍ତି । କନ୍ଧମାଳର ଦାରିଙ୍ଗବାଡ଼ିକୁ ଓଡ଼ିଶାର କାଶ୍ମୀର କୁହାଯାଏ । ପହିଲି ଶୀତ ଆସିଲେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ । ପ୍ରକୃତିର ସୌନ୍ଦର୍ଯ୍ୟଙ୍କୁ ଉପଭୋଗ କରିଥାନ୍ତି ପର୍ଯ୍ୟଟକ । ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ କୁହୁଡ଼ିର ମଜା ନେଉଛନ୍ତି । ପ୍ରକୃତିର ମନୋଲୋଭା ଦୃଶ୍ୟକୁ ଉପଭୋଗ କରୁଛନ୍ତି ସଭିଏଁ । ପହିଲି ଶୀତ ଦଶହରା ପରେ ଆସିବା କଥା କିନ୍ତୁ ଚଳିତ ବର୍ଷ ବିଳମ୍ବରେ ଆସିଛି ଶୀତ । ଫୁଲବାଣୀରେ ତାପମାତ୍ରା ୧୪ ଡିଗ୍ରୀକୁ ଖସିଛି । ଦାରିଙ୍ଗବାଡ଼ିରେ ତାପମାତ୍ରା ୧୩ ଡିଗ୍ରୀ ରହିଛି । ଆଗକୁ ଆହୁରି ପାରଦ ଖସିବ ଏବଂ ଶୀତ ବଢିବ ।

# ଆଜି ବି ଅନ୍ଧାରରେ ଜୀବନ

**ଗଜପତି (ଭିଓଭି) :** ବିଂଶ ଶତାବ୍ଦୀରେ ବିଦ୍ୟୁତ ସେବାରୁ ବଞ୍ଚିତ ଗାଁ । ଅନ୍ଧାରରେ ଜୀବନ କାଟୁଛନ୍ତି ଶହେରୁ ଅଧିକ ପରିବାର । ଏନେଇ ଅଭିଯୋଗ ହୋଇଛି । ହେଲେ ବିଦ୍ୟୁତ ବିଭାଗ ବାବୁ ଗାଁକୁ ବିଦ୍ୟୁତ ସଂଯୋଗ ପାଇଁ ଲକ୍ଷେ ଟଙ୍କା ମାଗୁଥିବା ଅଭିଯୋଗ ଆସିଛି । ଅର୍ଥ ଯୋଗାଡ଼ କରିବା ସମ୍ଭବପର ହୋଇ ପାରୁନଥିବାରୁ ଏଯାଏଁ ଗାଁକୁ ବିଜୁଳି ଯାଇନି ।

ଏମିତି କିଛି ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ଗଜପତି ଜିଲ୍ଲା ସଦର ମହକୁମା ଠାରୁ ୧୧୦ କିମି ଗଲେ ପଡ଼ିବ ପାହାଡ଼ ଜଙ୍ଗଲ ଘେରା ଗାଁ ତରଭଙ୍ଗ । ଆଜି ବି ଘନ ଅନ୍ଧାରରେ ଅଭିଶପ୍ତ ଜୀବନ ବିତାଉଛନ୍ତି ଶହେରୁ ଅଧିକ ପରିବାର । ଗାଁରେ ଟ୍ରାନ୍ସଫର୍ମର ଅଛି, ୧୧ କେଭି ବି ଯାଇଛି । କିନ୍ତୁ ବିଜୁଳି ଆସିପାରୁନି । ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ବାବୁଙ୍କୁ ଜଣାଇବାରୁ ବାବୁ ଲକ୍ଷେ ଟଙ୍କା ମାଗୁଥିବା ଅଭିଯୋଗ ଆସିଛି । ଯାହାକୁ ନେଇ ଗାଁ ଲୋକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କିଛି ବର୍ଷ ପୂର୍ବେ ସରକାର ଗାଁରେ ସୋଲାର ପ୍ୟାନେଲ ମାଧ୍ୟମରେ ଗାଁର ସମସ୍ତ ଘରକୁ ବିଦ୍ୟୁତ ଯୋଗାଣ ପାଇଁ ବ୍ୟବସ୍ଥା କରିଥିଲେ । ହେଲେ ରକ୍ଷଣାବେକ୍ଷଣା ଅଭାବରୁ ଏହା ଖରାପ ହୋଇପଡ଼ିଛି । ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ପକ୍ଷରୁ ଗାଁରେ ପାଣି ଟଙ୍କା ବିସିଥିଲେ ମଧ୍ୟ ମୋଟରରେ ପାଣି ଉଠାଇ ହେଉନି । ସ୍ମାର୍ଟ ସ୍କୁଲ୍‌ରେ ସ୍ମାର୍ଟ ଶିକ୍ଷାଦାନ ହୋଇପାରୁନି । ଏନେଇ ଜଣାଇବା ପରେ ତୁରନ୍ତ ଗାଁକୁ ଖୁବଶୀଘ୍ର ବିଦ୍ୟୁତ୍ ଯୋଗାଇବା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ । ତେବେ ବିଭାଗୀୟ ବାବୁଙ୍କ ବିଜୁଳି ଟଙ୍କା ମାଗିବା ଘଟଣାର ତଦନ୍ତ କରିବା ସହ ଗାଁରେ ତୁରନ୍ତ ବିଦ୍ୟୁତ ସଂଯୋଗ କରାଗଲେ ଲୋକେ ଉପକୃତ ହୋଇପାରିବେ ।

# ମନରେଗାରେ ମହାଦୁର୍ନୀତି

**ଭବାନୀପାଟଣା (ଭିଓଭି) :** ମନରେଗା ଯୋଜନା ଗ୍ରାମାଞ୍ଚଳ ମାନଙ୍କରେ ବସବାସ କରୁଥିବା ଗରିବ ଦିନ ମଜୁରିଆ ପରିବାରଙ୍କ ପାଇଁ ଜୀବିକା ନିର୍ବାହାର ପ୍ରକୃଷ୍ଟ ମାଧ୍ୟମ ହୋଇଥିବା ବେଳେ ଏହି ସରକାରୀ ଯୋଜନାରେ ବାଟମାରଣ ଏକ ପ୍ରକାର ସଂକ୍ରମଣ ରୋଗ ଭଳି ବିଭିନ୍ନ ପଞ୍ଚାୟତରେ ବ୍ୟାପିବା ଅତ୍ୟନ୍ତ ବିଡମ୍ବନାର ବିଷୟ ହୋଇଛି । ସରକାରୀ ସ୍ତରରେ ଏନେଇ ଠୋସ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁଁ ଶ୍ରମିକଙ୍କ ପାଉଣା ସରକାରୀ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ପକେଟକୁ ସିଧା ସଳଖ ଯାଉଥିବା ନେଇ ସାଧାରଣରେ ଅଭିଯୋଗର ଲମ୍ବା ତାଲିକା ଦେଖିବାକୁ ମିଳୁଛି ।

ଏହି ଯୋଜନାରେ ଏଭଳି ଏକ ମହାଦୁର୍ନୀତିର ଗନ୍ଧ ବାରି ହେଉଛି କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକ ନୁନପୁର ଗ୍ରାମ ପଞ୍ଚାୟତରେ । ମିଳିଥିବା ସୂଚନା ମୁତାବକ ମଦନପୁର ରାମପୁର ବ୍ଲକ ନୁନପୁର ଗ୍ରାମ ପଞ୍ଚାୟତରେ ଗତ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ମନରେଗା ଯୋଜନାରେ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଓ କୁଶଳୀ ଅଣକୁଶଳୀ ଶ୍ରମିକଙ୍କୁ ନିଶ୍ଚିତ କର୍ମ ନିଯୁକ୍ତି ଉପଲବ୍ଧ କରାଇବା ଉଦେଶ୍ୟରେ ୬କୋଟି ୯୯ ଲକ୍ଷ ୮୯ ହଜାର ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଛି । ଏହି ୩ବର୍ଷ ମଧ୍ୟରେ ୧୭୩ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ସୂଚନା ହସ୍ତଗତ ହୋଇଛି । ଏହି ଯୋଜନାରେ ମୁଖ୍ୟତଃ ପୋଖରୀ ଖନନ, ପୋଖରୀ ପୁନରୁଦ୍ଧାର, ଚାଷ ଜମି ଉନ୍ନତିକରଣ ଓ ଟ୍ରେଞ୍ଚ କମ ବଣ୍ଡ ନିର୍ମାଣ ଭଳି କାର୍ଯ୍ୟ ମାନ କରାଯାଇଥିବା ଦର୍ଶାଯାଇଛି । କାଗଜ କଲମରେ ସମସ୍ତ କାର୍ଯ୍ୟ ଠିକ୍‌ଠାକ୍ ହୋଇଥିବା ଦର୍ଶା ଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହାର ବିପରୀତ ହୋଇଥିବା ନେଇ ଅଭିଯୋଗ ହେଉଛି । ମିଥ୍ୟା ବିଲ, ମିଥ୍ୟା ଶ୍ରମିକ ନିୟୋଜନ, ୧୦ରୁ ୧୨ ଜଣ ଶ୍ରମିକ ନିୟୋଜନ କରି ଶତାଧିକ ଶ୍ରମିକଙ୍କ ଉପସ୍ଥାନ ଭରି କାର୍ଯ୍ୟ ଦିବସ ସୃଷ୍ଟି, ଚାଷୀଙ୍କ ନାଁରେ ମିଥ୍ୟା ଚାଷ ଜମି ଉନ୍ନୟନ କାର୍ଯ୍ୟର ବିଲ୍, ପୋଖରୀ ଉନ୍ନୟନ ଓ ପୁନରୁଦ୍ଧାର କାର୍ଯ୍ୟରେ ଅଳ୍ପ କାର୍ଯ୍ୟକରି ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍ କରି ଟଙ୍କା ହଡପ ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସୁଛି । ଟ୍ରେଞ୍ଚ କମ୍ ବଣ୍ଡ କାର୍ଯ୍ୟରେ ମଧ୍ୟ ଅନୁରୂପ ଭାବେ ଅନିୟମିତତାର ଅଭିଯୋଗ ହେଉଛି । କାଁ ଭାଁ କେଉଁ କେଉଁ ଗୋଟାଏ ଦୁଇଟି ଜାଗାରେ ଟ୍ରେଞ୍ଚ ଖୋଳି ମିଥ୍ୟା ବିଲ୍ କରି ସରକାରୀ ଅନୁଦାନ ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି । ତେବେ ତେବେ ୧୭୩ଟି କାର୍ଯ୍ୟ ବାସ୍ତବରେ ହୋଇଛି ନା ନାହିଁ ଓ ୬ କୋଟି ୯୯ ଲକ୍ଷ ୮୯ ହଜାର ଟଙ୍କାର ସରକାରୀ ଅନୁଦାନରୁ କାହା ପକେଟକୁ କେତେ କେତେ ଟଙ୍କା ଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଏନେଇ ଭିଜିଲାନ୍ସ ତଦନ୍ତ କରାଗଲେ ମନରେଗା ମହାଦୁର୍ନୀତିର ଅସଲ ଗୁମର ଫିଟିବ ବୋଲି ସାଧାରଣରେ ଦାବି ହେଉଛି ।



Nihar Ranjan Acharya

# Accelerate Your Journey to Net Zero

## A Call to Restore Our Planet

The phrase **"Net Zero"** is no longer a distant dream or a fancy sustainability slogan — it is the very heartbeat of our planet's survival. To achieve Net Zero means to balance the greenhouse gases we emit with those we remove from the atmosphere. It's about restoring harmony between humanity and nature — a harmony we have long disrupted in our race for progress. Now, the time has come not merely to move toward it, but to accelerate the journey.

Every ton of carbon we release today is a burden we leave for our children tomorrow. The melting glaciers, rising sea levels, and choking air in our cities are not random natural events — they are clear signals from Earth, urging us to rethink our choices. Yet, hope still shines. Across the world, governments, businesses, and individuals are awakening to the truth that sustainability is not a choice anymore; it is a responsibility.

**The Shift Begins Within**

The journey to Net Zero begins not in boardrooms or policies but in our consciousness. It is a personal revolution — a change in the way we think, consume, and coexist. Imagine every individual as a "climate warrior" — reducing waste, conserving energy, and making conscious lifestyle choices. A single reusable bottle, a rooftop solar panel, a sapling planted with love — each action, however small, is a spark that lights up the path to a sustainable future.

As the ancient Indian wisdom reminds us:

**Dharmo rakshati rakshitah"** — when we protect nature's law, it protects us in return."In protecting the Earth, we are protecting the very essence of life itself.

**The Power of Green Innovation.**

Innovation is our greatest ally in this journey. From electric vehicles and renewable energy grids to carbon capture technologies and green hydrogen, science is rewriting the narrative of sustainability. Industries are discovering that going green is not only ethical but economical — an investment in resilience, reputation, and renewal.




Cities are transforming into "smart cities," powered by solar rooftops and electric public transport. Startups are creating biodegradable materials, circular economies are replacing the throwaway culture, and youth movements are reshaping corporate agendas. This momentum must now multiply.

To accelerate means to collaborate — to merge science with spirituality, policy with purpose, and innovation with intention.

**Nature — The Ultimate Teacher**

Amidst all technological advancements, we must remember that the blueprint for balance already exists — in nature itself. A forest does not waste. A river does not discriminate. The Earth regenerates quietly and continuously. If we can learn to live with the same humility and rhythm, our journey to Net Zero will not just be successful — it will be soulful.

Let us, therefore, look at our rivers as lifelines, our trees as silent guardians, and our air as sacred prana. Each decision — whether to recycle, reuse, or simply reduce — becomes an offering to our Dharitri Maa (Mother Earth).

**The Path Forward**

The road to Net Zero is not a race of the few; it is a movement of the many. It calls for shared vision, collective will, and unwavering faith in our ability to heal what we have harmed. Governments must create bold policies, corporations must lead with conscience, and citizens must act with compassion.

The clock is ticking — but it is not too late. If we act now, together, we can rewrite the story of our planet from one of depletion to regeneration, from despair to hope, from pollution to purity.

Let us be the generation that didn't wait for change — but became the change."Let our progress be measured not by how much we take from the Earth, but by how much we give back to her.

Accelerate your journey to Net Zero — not just for a greener tomorrow, but for a livable today."For in saving the planet, we save ourselves.

Founder and Working Director,
TRUST, Ph. 8249775817
E-Mail: nihar.acharya1973@gmail.com



# INNOCENCE UNDER PROTECTION

## Understanding the POCSO Act and the Silent Cry of Children



Soroja Kumar Raut

**Introduction :** We often tell our children to study well, behave properly, and listen to elders but how often do we tell them how to protect their own bodies, how to say no, or how to come forward if something feels wrong?A child's smile holds the promise of a brighter future, yet behind many innocent faces lie untold stories of fear, silence, and pain. In a world where children should be nurtured and protected, the harsh reality is that many fall victim to sexual abuse often by those they trust the most.This is where the**Protection of Children from Sexual Offences (POCSO) Act,**2012, becomes not just a law but a lifeline. It was created to protect every **child boy, girl, or transgender** from the nightmare of abuse.

The article I am writing is not just about law, it is about our responsibility as parents, teachers, citizens, and human beings. It is about knowing how this law works, how children and even parents sometimes suffer under it, and most importantly, how we can create a safer world through education, sensitivity, and support.Because every child deserves not just to live, but to live without fear.

The **POCSO Act** was passed by the Indian Parliament in 2012. Before this,our country India did not have a proper law that specifically addressed crimes related to child sexual abuse.POCSO was established to address this gap, and it clearly states what constituted sexual offences against children.This includes **penetrative** and **non-penetrative sexual assault, sexual harassment,** and even using children in **pornographic** materials.It also punishes sexual harassment, such as making sexual comments, showing private parts, or asking for sexual favors. It also ensures that the legal process is made child-friendly, keeping the identity of the victim confidential and allowing for fast trials through special courts. The purpose is to ensure that children feel safe and supported during the legal process.The law also lists aggravated sexual assault, where the offender is someone in a position of trust—like a teacher, doctor, police officer, or a family member. Even the attempt to commit any of these offences is punishable. Importantly, if someone knows about such a crime and does not report it, they too can be punished under-this-law.

### How Do Children Under 18 Suffer Due to This Law?

Although the POCSO Act was made to protect children, it has also been misused or misunderstood in some situations. One major issue arises when teenage boys and girls, who are in a **mutual romantic relationship**, are accused under the POCSO Act. In India, even if both partners are below 18 and have consented to the relationship, any kind of sexual contact is still treated as statutory rape. **In many cases, the boy is arrested, and a criminal case is filed against him—even when there was no force or abuse involved.** This can destroy the lives of both children, especially the boy, whose education, career, and reputation are affected. It is important for parents and authorities to handle such situations carefully and not misuse the law in the name of protection.

### How Do Victims and Parents Suffer?

Sexual abuse leaves behind deep scars on a child's body, mind, and heart. Victims often always suffer from trauma, depression, fear, and low self-esteem. They often stop going to school or lose interest in daily activities. Many children do not even report the abuse because they are scared, confused, or ashamed. Parents always go through mental and emotional pain. They may blame themselves for what happened or be afraid of what society will say. Sometimes, they avoid filing a complaint due to fear of police, legal processes and fear of society talk's.

### What Is the Procedure Under POCSO and How Does Medical Examination Happen?

The process set out by the POCSO Act is meant to be speedy and sensitive. When the police are notified of a case, they must register an FIR (First Information Report) and, as required by law, inform the CWC (Child Welfare Committee) right away. The child must receive medical treatment as well as counselling services. The medical examination must be conducted by a registered medical practitioner, preferably of the same gender as the child, and in the presence of a parent or trusted adult. The law also guarantees that the trial takes place in a Special POCSO Court and it is to be concluded in no more than one year. The child's identity is anonymous and protected at every stage of the process. The aim of the Act is to follow a process that ensures the child does not suffer any further harm through the legal process.




### What Precautions Should Children and Parents Take?

Preventing abuse is as important as punishment. Parents must learn and instill trust in their children and encourage open communications. Children must learn to say that their body is theirs and no one has the right to touch them without permission. Children must know it is okay to **say "NO"**and tell someone if someone is behaving inappropriately**"NO MEANS NO"**

Parents should also know who their child is associated with—teachers, family members, neighbors, or caregivers. Internet safety is just as important. Children should not be allowed to surf the internet unsupervised and parents must explain what is entailed when a child shares personal information online. They should have their emergency contacts safe, show children how to find help, and strive to being observant, is part of the necessary precautions for families everywhere.

### How Should Parents and Schools Teach Children About Good Touch and Bad Touch?

Many children don't even know what a wrong/harmful touch feels like. Hence, schools and parents must start teaching them about the difference between **good and bad touch**. Good touch is to say that which makes a child feel loved and safe-like a hug from parents. Bad touch is one that makes the child feel scared, uncomfortable, or confused. Children should know that the **private parts are private, and no one should touch them there.** Schools can organize awareness sessions, storybooks, animations, and role-play to teach these concepts. Above all, children should know that if something bad happens, they won't be blamed, and must immediately report it to a trusted adult. It should start early, be delivered in simple language, and, importantly, without shame.

### Teenage Relationships and POCSO: Why Even Consensual Sex Is a Crime Under 18

The **young people/Gen Z** of today are much more honest about relationships than ever before. They can relate to someone on an emotional level and even have physical relationships. But, in Indian law, **the age of consent is 18.** So any sexual relations between minors, or with a minor are illegal and considered rape if one of the parties (or their parents, school, etc.) complain.

For example, a 17-year-old girl and her 19-year-old boyfriend may think they are in love, but — if there's a complaint, the boy may be arrested and charged with rape under POCSO. The law does not accept that minors can validly consent to sexual relations. This is why young teenage boys are frequently jailed or in legal battles for protracted periods of time. That is why it is very important to inform young teenagers about legal limits, emotional maturity, and safe operating procedures for relationships. People falling in love is a very normal occurrence.Love is natural, but it must also be responsible and legal.

### A Movie Recommendation: "Sirf Ek Bandaa Kaafi Hai"& State Vs Nobody(2025)

If you want to know how laws under the POCSO actually function in practice, you must watch the film**"Sirf Ek Bandaa Kaafi Hai"** featuring **Manoj Bajpayee.** The film is based on a real case where a powerful godman was accused of sexually abusing a minor. The film captures the spirit of one lawyer who showcases his bravery as he goes against power, authority, and threats in an attempt to serve justice to the girl. It primarily shows the legal processes of POCSO, the pain endured by the victim and her family, and the commitment it takes to fight the truth. The film is amusing, emotional, powerful and, educational, plus a great tool to raise public awareness.

**"State Vs A Nobody (2025)"**is a powerful film showing how one man fights for justice under the POCSO Act. It also reminds us that while the law protects children, it can sometimes be misused through false accusations, causing innocent people to suffer.

### Conclusion: Let's Keep Our Children Safe

Children are the foundation of our future.It is our moral and legal responsibility to protect children from harm and to provide a safe and loving environment for them to develop within. The POCSO Act is a strong law in this regard, but we must also ensure that we utilize it appropriately, that we educate children, and that we keep parents informed and engaged. Prevention comes from awareness, dialogue, and compassion, leading to a community where all children are safe and valued.

Let us all be responsible, stay informed, and support each other.

**"Because one responsible person is enough to protect a child. Let us all be that person. Stay safe. Stay alert. Stay strong."**

***Mobile No. : 8926327272***

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର